# ଆଷାଢ଼ରେ ପିଚୁ ପଡ଼ିଲା; ଶ୍ରାବଣରେ ଖାଲ

ମୋହନା, ୧୩।୧୧(ସମିସ)



ଗଜପତି ଜିଲ୍ଲା ମୋହନା ଠାରୁ ରାଇପଙ୍କା ୩୨୬ ନମ୍ବର ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି । ମାତ୍ର କିଛି ମାସ ତଳେ ଅର୍ଥାତ ଆଷାଢ଼ ମାସରେ ପିଚୁ ପଡ଼ିଥିବା ବେଳେ ଏବେ ସବୁଆଡେ ଖାଲଖମାରେ ଭରି ଯାଇଛି । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଯାନବାହାନ ଜୟପୁର, ରାୟଗଡ଼ାରୁ ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ଯାତାୟାତ କରିଥାଏ । ଏବେ ପର୍ଯ୍ୟଟନ ଋତୁ ଆସୁଥିବା ବେଳେ ରାସ୍ତା ଖରାପ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ଏଥିସହ ପ୍ରତେକ ଦିନ ବାଇକ କାରରେ ଗାଁ ଓ ପଞ୍ଚାୟତ ହେଡ଼କ୍ୱାର୍ଟର ରୁ ଲୋକେ ଆସିଥାଆନ୍ତି । ହେଲେ ରାସ୍ତା ଭଲ ନଥିବାରୁ ଦୁର୍ଘଟଣାର ଶିକାର ହେଉଛନ୍ତି ଯାତ୍ରୀ । ଜାତୀୟ ରାଜପଥ ୩୨୬କୁ ମରାମତି ପାଇଁ ଆଷାଢ଼ ମାସ ରଥଯାତ୍ରାରେ ଜାତୀୟ ରାଜପଥ ବିଭାଗ ଝିପିଝିପି ବର୍ଷାରେ କେବଳ ମୋହନା ମୁଖ୍ୟ ବଜାର ରାସ୍ତାରେ ପିଚୁ ପକାଇ ଖାଲଖମାକୁ ସମତଳ କରିଥିଲେ ।ତେବେ ମୋହନା ଠାରୁ ଅଡବା ଓ ରାଇପଙ୍କା ପର୍ଯ୍ୟନ୍ତ କିଛି କିଛି ସ୍ଥାନରେ ମରାମତି ନ କରି ବିଲ କରାଯାଇଥିବା ଅଭିଯୋଗ ହେଉଛି । ଯେତିକି ପିଚୁ ପଡ଼ିଛି ତାହାବି ଗୋଟିଏ ମାସ ବିତିନି ରାସ୍ତାରୁ ଉଠି ଖାଲଖମା ହେଇଯାଇଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ମନ୍ତ୍ରୀ, ସଚିବ ଉକ୍ତ ରାସ୍ତା ଦେଇ ଗସ୍ତ କରୁଥିଲେ ହେଁ କାହାରି ଦୃଷ୍ଟି ପଡୁନି ଏହି ରାସ୍ତା ଉପରେ । ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି । ଯାହା ଦ୍ୱାରା ଯାତ୍ରୀ ଗାଡିରେ ଯିବାବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି । ବାରମ୍ବାର ଅଭିଯୋଗ କଲେ ମଧ ଯନ୍ତ୍ରୀ, ଠିକାଦାର ସମସ୍ତେ ଚୁପ ରହୁଛନ୍ତି । ଏହାରି ଭିତରେ ୨୦ ଦୁର୍ଘଟଣା ଘଟି ବାଇକ ଚାଳକ ଗୁରୁତର ହୋଇ ଚିକିତ୍ସିତ ହୋଇଥିବା ନଜିର ରହିଛି । ଏପରି କି ସ୍କୁଲ ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବାବେଳେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ତୁରନ୍ତ ଏହି ରାସ୍ତା ମରାମତି କରାନଗଲେ ଆଗାମୀ ଦିନରେ ରାସ୍ତା ରୋକ ହେବ ବୋଲି ସ୍ଥାନୀୟ ବଣିକ ସଂଘ, ଯୁବକ ସଂଘ, ଜନ ପ୍ରତିନିଧି ଓ ଜନ ସାଧାରଣ ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷେ ମୋହନା ବ୍ରିଜ ନିକଟରେ ଡ୍ରେନେଜ କରିବା ପାଇଁ ଜାତୀୟ ରାଜପଥ ବିଭାଗ ଖାତ ଖୋଳି ଛାଡି ଦେଇଛନ୍ତି । ଗୋଟିଏ ମାସ ହେଲାଣି ଉକ୍ତ ଖାତରେ ପଡ଼ି ଦୁଇ ପଥଚାଳକ ଗୁରୁତର ଆହତ ହେଇଛନ୍ତି । ଏପରିକି ଗାଈଗୋରୁ ମଧ ଫସି ରହିଥିଲେ । ଜାତୀୟ ରାଜପଥ ବିଭାଗର ଖାମଖିଆଲ ମନୋଭାବ ଯୋଗୁଁ ବର୍ତ୍ତମାନ ୩୨୬ ନମ୍ବର ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଥିବା ଅଭିଯୋଗ ହେଉଛି ।

**● ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ**

**● ମାଣିକପୁର ବାଣ ବିସ୍ଫୋରଣ ଘଟଣା**

## ବାରୁଦ ଯୋଗାଇଥିବା ବେପାରୀ ଗିରଫ

**ଖଲ୍ଲିକୋଟ, ୧୩।୧୧(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିକପୁର ଗାଁରେ ଗତ ମାସ ୧୯ ତାରିଖରେ ବାଣ ବିସ୍ଫୋରଣରେ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ୩ ଗଣ ଗୁରୁତର ଆହତ ହୋଇଥିଲେ । ଏହି ଘଟଣାରେ ପିଲା ମାନଙ୍କୁ ବାରୁଦ ଯୋଗାଇଥିବା ବାଣ ବ୍ୟବସାୟୀ ନାରାୟଣ ନଗର କୋଦଳାର ଦଣ୍ଡପାଣି ଦାସ (୬୦)କୁ ପୁଲିସ ଗିରଫ କରିଛି । ଗିରଫ ଦଣ୍ଡପାଣିଙ୍କ ଠାରୁ ଖଲ୍ଲିକୋଟ ଥାନା ଅନ୍ତର୍ଗତ ବରପଦର ଗ୍ରାମର ଦୀପକ ମୁନି (୨୧) ଓ ଅନ୍ୟ ଜଣେ ଯୁବକ ବାରୁଦ ଆଣି ମାଣିକପୁର ଗ୍ରାମର ଦଶମ ଶ୍ରେଣୀ ଛାତ୍ର ମାନଙ୍କୁ ଯୋଗାଇଥିଲେ । ଗତ ମାସ ୩୧ ତାରିଖରେ ପୁଲିସ ଦୀପକକୁ ଗିରଫ କରିଥିବା ବେଳେ ବୁଧବାର ଦଣ୍ଡପାଣିକୁ ଗିରଫ କରି କୋର୍ଟଚାଲାଣ କରିଛି ବୋଲି ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି ।



ସୂଚନାଯୋଗ୍ୟ ମାଣିକପୁର ଗାଁରେ ଗତ ମାସ ୧୯ ତାରିଖରେ ବାଣ ଭିଡୁଥିବାବେଳେ ବିସ୍ଫୋରଣ ଘଟି ବାଦଲ ଗୌଡ଼, ବାବୁଲା ଗୌଡ଼, ରୁଦ୍ର ପ୍ରସାଦ ଗୌଡ଼ ଓ ସମୀର ଦୁହୁଡି ଆହତ ହୋଇଥିଲେ । ସମୀର ଦୁହୁଡି ବ୍ରହ୍ମପୁରରେ ଚିକିତ୍ସିତ ହୋଇଥିବା ବେଳେ ଭୁବନେଶ୍ୱରରେ ବାଦଲ ଗୌଡ଼ ଓ ରୁଦ୍ର ପ୍ରସାଦ ଗୌଡ଼ ଏବଂ କଟକରେ ବାବୁଲା ଗୌଡ଼ ଚିକିତ୍ସିତ ହୋଇଥିଲେ । ବାଦଲ ଗୌଡ଼ଙ୍କ ମୃତ୍ୟୁ ହୋଇଥିବା ବେଳେ ସମୀର ଓ ବାବୁଲା ଘରକୁ ଫେରିଛନ୍ତି । ରୁଦ୍ର ପ୍ରସାଦ ଗୌଡ଼ ଏବେ ବି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ।

**● ସୁରଟ ଫେରନ୍ତା ହେଲେ ଓଏଏସ୍**

## ଗାଙ୍ଗପୁର ହାଇସ୍କୁଲରେ ସମ୍ବର୍ଦ୍ଧନା



**ବେଲଗୁଣ୍ଠା, ୧୩।୧୧(ସମିସ):** ବେଲଗୁଣ୍ଠା ବ୍ଲକ ଶୀରିକୋଇ ଗ୍ରାମର ବିଷ୍ଣୁ ଚରଣ ନାୟକ ସଦ୍ୟ ପ୍ରକାଶିତ ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଷ୍ଣୁଙ୍କ ଜୀବନ କାହାଣୀ ଅତି ସଂଘର୍ଷମୟ ଓ ଏକ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିବା ବିଷ୍ଣୁ ଦିନେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ନିଜର ପ୍ରତିପୋଷଣ ପାଇଁ ସୁରଟ୍ ଚାଲି ଯାଇଥିଲେ ଓ ପରେ ସୁରଟରୁ ଫେରି ଗାଆଁରେ ଟେଲିଫୋନ୍ ବୁଥ୍ କରି ଘର ଚଳାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ବିବାହ ପରେ ପୁଣି ଥରେ ସୁରଟ୍ ଯାଇଥିଲେ । ସେଠାରେ ତିନି ଚାରିଜଣ ପିଲାଙ୍କୁ ଟିଉସନ୍ କରି ସେମାନଙ୍କୁ ଦଶମଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ କରାଇବା ପରେ ବିଷ୍ଣୁ ପୁଣି ଥରେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଏହାରି ଭିତରେ ଆଇପିଏସ୍ ମନୋଜ ଶର୍ମାଙ୍କ ଜୀବନୀ ବିଷ୍ଣୁଙ୍କ ଜୀବନକୁ ପ୍ରଭାବିତ କରିଥିଲା ଓ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବା ପାଇଁ କଠୋର ପରିଶ୍ରମ କରି ସଫଳତା ହାସଲ କରି ବର୍ତ୍ତମାନ ସେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ବିଷ୍ଣୁଙ୍କ ଭଳି ଜଣେ ଉତ୍ସାହୀ ଯୁବକଙ୍କୁ ଛାତ୍ରଛାତ୍ରୀଙ୍କ ସହିତ ପରିଚୟ କରାଇବା ପାଇଁ ବୁଧବାର ଗାଙ୍ଗପୁର ଶରତ ଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟ ତରଫରୁ ବିଷ୍ଣୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଏଏସ୍ ବିଷ୍ଣୁ ଚରଣ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ଜୀବନରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷକ ସୀମାଞ୍ଚଳ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୀମାଞ୍ଚଳ ଶତପଥି ଧନ୍ୟବାଦ ପ୍ରଦାନ କରିଥିଲେ । ନିରଞ୍ଜନ ତ୍ରିପାଠୀ, ଆଶୁତୋଷ ସ୍ୱାଇଁ, ଅମର ପ୍ରଧାନ, ଶିକ୍ଷୟିତ୍ରୀ ସୁଜାତା ପଣ୍ଡା, କର୍ମଚାରୀ ଶ୍ରୀନିବାସ ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ ।

**● ଆନ୍ଧ୍ରରେ ଗଞ୍ଜେଇ ଜବତ**

## ହୋମ୍‌ଗାର୍ଡ ସମେତ ୩ ଗିରଫ

**ପାରଳାଖେମୁଣ୍ଡି, ୧୩।୧୧(ସମିସ):** ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଳମ ଜିଲ୍ଲା ପୁଲିସକୁ ମିଳିଛି ବଡ ସଫଳତା । ଗତମାସ ୨୪ତାରିଖରେ ମେଳିଆପୁଟି ପୁଲିସକୁ ଚକ୍‌ମା ଦେଇ ଏକ ଗଞ୍ଜେଇ ବୋଝେଇ ବୋଲେରୋ ଗାଡିଟିକୁ ଛାଡି ସମସ୍ତେ ଫେରାର୍ ହୋଇ ଯାଇଥିଲେ । ଗାଡିକୁ ପୁଲିସ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ଜବତ ହୋଇଥିଲା । ଏସମ୍ପର୍କରେ ଶ୍ରୀକାକୁଳମ ପୁଲିସ କାଶୀବୁଗ୍ଗା ସବ୍ ଡିଭିଜନ ପୁଲିସ ଓ ମେଳିଆପୁଟୀ ପୁଲିସ ମିଳିତ ଭାବେ ଏକାଧିକ ଟିମ୍ ଗଠନ କରି ବିଭିନ୍ନ ରାଜ୍ୟରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ରାୟଗଡ଼ା ଜିଲ୍ଲାର ପୁଟାସିଂଙ୍ଗ ଥାନା ଅଞ୍ଚଳର ଆୟୁବ ମାଝି, ଗଜପତି ଜିଲ୍ଲାର ରଞ୍ଜିତ ବର୍ଦ୍ଧନ ଓ ଗଜପତି ଜିଲ୍ଲା ଆର.ଉଦୟଗିରି ଥାନାର ଗୃହରକ୍ଷୀ ତଥା ହୋମ୍‌ଗାର୍ଡ ଅଭିମାଝି । ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି କେ.ଭି.ମହେଶ୍ୱର ରେଡ୍ଡୀ କହିଛନ୍ତି, ଜବତ ଗାଡିରେ ୧୬ଟି ବସ୍ତାରେ ୫୬୩ କିଲୋ ଗଞ୍ଜେଇ ରହିଥିଲା । ଏହି ଘଟଣାରେ ଗିରଫ ସଂଖ୍ୟା ବଢ଼ିବ ବୋଲି ଶ୍ରୀକାକୁଳମ ଏସପି ଶ୍ରୀ ରେଡ୍ଡୀ ସୂଚନା ଦେଇଥିବା ବେଳେ ଗିରଫ ହୋମଗାର୍ଡ ମୁଖ୍ୟ ଅଭିଯୁକ୍ତ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା କହିଛନ୍ତି ।



## ବୁଡ଼ିଗଲେ ୪ ଭାଇଭଉଣୀ, ୩ ଉଦ୍ଧାର, ଜଣେ ମୃତ

**ଖଲ୍ଲିକୋଟ, ୧୩।୧୧(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲି ଗ୍ରାମରେ ଅଘଟଣ । ୪ ଭାଇ ଭଉଣୀ ଗାଁ ପୋଖରୀରେ ବୁଡି ଯାଉଥିବା ବେଳେ ୩ ଜଣଙ୍କୁ ଗ୍ରାମବାସୀ ଉଦ୍ଧାର କରିଥିବା ବେଳେ ବଡ଼ ଭଉଣୀଙ୍କ ଜଳ ସମାଧି ଘଟିଛି । ସୂଚନା ଅନୁଯାୟୀ, ବ୍ରହ୍ମପୁର ବ୍ରହ୍ମାନଗର ଅଞ୍ଚଳର ରବିରାମ ପ୍ରଧାନଙ୍କ ତିନି ଝିଅ ଜେଲିନା ପ୍ରଧାନ (୧୭), ସେଲିନା ପ୍ରଧାନ (୧୨) ଓ ଏଲିନା ପ୍ରଧାନ (୮) ଚିକିଲି ଗ୍ରାମରେ ରହୁଥିବା ସେମାନଙ୍କ ମଉସା ଜୟ ରାମ ଖୁଣ୍ଟିଆଙ୍କ ଘରକୁ ଯାତ୍ରା ଦେଖିବା ପାଇଁ ଆସିଥିଲେ । ତେବେ ବୁଧବାର ପୂର୍ବାହ୍ନରେ ତିନି ଭଉଣୀ ଗାଧୋଇବା ପାଇଁ ମଉସା ଜୟରାମ ଖୁଣ୍ଟିଆଙ୍କ ପୁଅ ଶ୍ରୀହରି ଖୁଣ୍ଟିଆ(୯) ସହ ଚିକିଲି ଗ୍ରାମର ରଗିଆ ପୋଖରୀକୁ ଯାଇଥିଲେ । କିନ୍ତୁ ଗାଧୋଉ ଥିବା ବେଳେ ଅସାବଧାନତା ବଶତଃ ଗୋଡ଼ ଖସି ଯିବାରୁ ହାତ ଧରାଧରି ହୋଇ ସମସ୍ତେ ପାଣିରେ ବୁଡି ଯାଇଥିଲେ । ଚିତ୍କାର ଶୁଣି ନିକଟରେ ଥିବା କେତେକ ଗ୍ରାମବାସୀ ଦୌଡ଼ି ଯାଇ ସେମାନଙ୍କୁ ପାଣିରୁ ଉଦ୍ଧାର କରିଥିଲେ । ତେବେ ବଡ଼ ଭଉଣୀ ଜେଲିନାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଖଲ୍ଲିକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ଅବସ୍ଥାରେ ଅନ୍ୟ ୩ ଜଣଙ୍କୁ ଚିକିଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ଡାକ୍ତରଙ୍କ ଉଦ୍ୟମ ପରେ ସେମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏନେଇ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ତେବେ ଯାତ୍ରା ଦେଖିବାକୁ ମଉସା ଘରକୁ ଆସି ଏଭଳି ଦୁର୍ଘଟଣାର ଶୀକାର ହୋଇ ପ୍ରାଣ ହରାଇବା ଘଟଣା ଚିକିଲି ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି ।

**● ମାଲ ପରିବହନ ସମସ୍ୟା ନେଇ ବୈଠକ**

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା

**ଛତ୍ରପୁର, ୧୩।୧୧(ସମିସ):** ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା । କିଛି ସମୟ ଧରି ପୁଲିସ ଓ ଟ୍ରକ ମାଲିକ ମାନଙ୍କ ମଧ୍ୟରେ ହୋହାଲ୍ଲା ହୋଇଥିଲା । ପୁଲିସ ଗାଡି ଆଗକୁ ଆସି ମଧ ଟ୍ରକ ମାଲିକ ମାନେ ନିଜ ପେଟପାଟଣା ନିମନ୍ତେ ସେମାନଙ୍କ ସମସ୍ୟାଗୁଡିକ କିପରି ସମାଧାନ ହେବ ସେଥିପାଇଁ ଗୁହାରି କରିଥିଲେ । ଅନ୍ୟପଟେ ଗୋପାଳପୁର ବନ୍ଦରରେ ମାଲ ପରିବହନ କାର୍ଯ୍ୟରେ ନିୟୋଜିତ କରିବା ଓ ସଠିକ ଦର ପ୍ରଦାନ କରିବା ଦାବି ନେଇ ଗଞ୍ଜାମ ମାଲ ବୋଝେଇ ଟ୍ରକ ମାଲିକ ଫେଡେରେସନ ପକ୍ଷରୁ ବହୁବାର ପ୍ରଶାସନ ଏବଂ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଦୁଇଥର ଟ୍ରକ ମାଲିକ ଏବଂ ଟ୍ରାନ୍ସପୋର୍ଟର ମାନଙ୍କ ସହ ଆଲୋଚନା କରାଯାଇଥିଲା । ମାତ୍ର କୌଣସି ସମାଧାନ ବାଟ ବାହାରି ନଥିଲା । ବୁଧବାର ଅପରାହ୍ନ ୪ଟାରେ ପୁଣି ଉଭୟଙ୍କୁ ନେଇ ଏକ ବୈଠକ କରାଯିବ ବୋଲି ଛତ୍ରପୁର ଉପଜିଲ୍ଲାପାଳ ଗଞ୍ଜାମ ମାଲ ବୋଝେଇ ଟ୍ରକ ମାଲିକ ଫେଡେରେସନ, ଗୋପାଳପୁର ଟ୍ରକ ମାଲିକ ସଂଘ, ମା' ଦକ୍ଷିଣକାଳୀ ଟ୍ରାନ୍ସପୋର୍ଟ ମାଲିକ ସଂଘ ଓ ଗଞ୍ଜାମ ଟ୍ରକ ମାଲିକ ସଂଘଙ୍କୁ ଚିଠି କରିଥିଲେ । ତେବେ ବୈଠକ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟାଳୟ ପରିସରରେ ଏବଂ ବାହାରରେ ଉତ୍ତେଜନା ହେବାର ଦେଖିବାକୁ ମିଳିଥିଲା । କାରଣ ବ୍ରହ୍ମପୁର ସଂଘର ଦୁଇଜଣ ମାଲିକଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦେଖି ଫେଡେରେସନର ଟ୍ରକ ମାଲିକ ମାଲିକ ଉତ୍ତ୍ୟକ୍ତ ହୋଇଯାଇଥିଲେ । ସୁରକ୍ଷାକୁ ଦୃଷ୍ଟିରେ ରଖି ଛତ୍ରପୁର ଏସ୍‌ଡ଼ିପିଓ, ଛତ୍ରପୁର ଥାନା ଅଧିକାରୀ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ଏବଂ କିଛି ପୋଲିସ ଅଧିକାରୀ ଏବଂ କର୍ମଚାରୀ ସେଠାରେ ପହଁଚି ଟ୍ରକ ମାଲିକ ମାନଙ୍କୁ ବୁଝାସୁଝା କରିଥିଲେ । ପରେ ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତଙ୍କ ଅଧକ୍ଷତାରେ ଫେଡେରେସନ ର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଗୋପାଳପୁର ବନ୍ଦର ସ୍ୱୀକୃତି ପ୍ରାପ୍ତ ଟ୍ରାନ୍ସପୋର୍ଟର ମାନଙ୍କ ପ୍ରତିନିଧି, ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା, ଛତ୍ରପୁର ଏସଡିପିଓ ଗୌରହରି ସାହୁ, ତହସିଲଦାର ଦିବ୍ୟା ମହାନ୍ତି, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକଙ୍କ ସମେତ ଫେଡେରେସନର ବହୁ ଟ୍ରକ ମାଲିକ ଉପସ୍ଥିତ ଥିଲେ । ସେମାନଙ୍କ ସମସ୍ୟା ଗୁଡିକର ଯଥା ଶୀଘ୍ର ସମାଧାନ ଲାଗି ଗଞ୍ଜାମ ମାଲ ବୋଝେଇ ଟ୍ରକ ମାଲିକ ଫେଡେରସନର ବହୁ ଟ୍ରକ ମାଲିକ ଦାବି କରିଥିଲେ ।

## ମହେନ୍ଦ୍ରତନୟାରେ ବୁଡ଼ି ଜଣେ ମୃତ

**ପାରଳାଖେମୁଣ୍ଡି, ୧୩।୧୧(ସମିସ):** ଗଜପତି ଜିଲ୍ଲା ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରା ଗ୍ରାମ ଠାରେ ଜଣେ ବ୍ୟକ୍ତି କୌଣସି କାରଣରୁ ମହେନ୍ଦ୍ରତନୟା ନଦୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି । ମୃତ ବ୍ୟକ୍ତି ଜଣକଙ୍କ ନାମ ଗାଡିଲା ମନ୍ମଥରାଓ (୪୦) ଏବଂ ସେ ଆଜି ସକାଳ ୧୦ଟାରୁ ନିଖୋଜ ଥିଲେ । ସନ୍ଧ୍ୟା ସମୟରେ ମାଛମରା ଗ୍ରାମ ଦେଇ ଯାଇଥିବା ମହେନ୍ଦ୍ରତନୟା ନଦୀ କୂଳେ କେତେକ ଗ୍ରାମବାସୀ ତାଙ୍କର ଚପଲ ଦେଖି ନଦୀରେ ବୁଡିଯାଇଥିବା ସନ୍ଦେହ କରିଥିଲେ । ଖବର ପାଇ ଦମକଳ ବାହିନୀର କର୍ମଚାରୀମାନେ ପହଞ୍ଚି ନଦୀରେ ବହୁ ସମୟ ଧରି ଖୋଜାଖୋଜି କରିବାପରେ ବିଳମ୍ବିତ ସନ୍ଧ୍ୟାରେ ନଦୀ ଗର୍ଭରୁ ମନ୍ମଧଙ୍କ ମୃତ ଦେହକୁ ଉଦ୍ଧାର କରିଥିଲେ ।

## କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟରେ ଛାତ୍ରଙ୍କ ଆତ୍ମହତ୍ୟା

**ଫୁଲବାଣୀ, ୧୩।୧୧(ସମିସ):** ଖଜୁରୀପଡ଼ା ଥାନା ଅନ୍ତର୍ଗତ ନୂଆଗାଁ ଠାରେ ଥିବା କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଥିବା ନେଇ ଖଜୁରୀପଡ଼ା ଥାନାରେ ଅଭିଯୋଗ ହୋଇଛି । ମୃତକ ଛାତ୍ର ଜଣକ ହେଲେ ବାଲିସୁଗ୍ରୀ ଗ୍ରାମର ରସାନନ୍ଦ ମଲ୍ଲିକଙ୍କ ସାନ ପୁଅ ଆନନ୍ଦେଶ୍ୱର୍ ମଲ୍ଲିକ (୧୬) । ସୂଚନା ଅନୁସାରେ, ଆନନ୍ଦେଶ୍ୱର ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୧ଟା ପର୍ଯ୍ୟନ୍ତ ପଢାପଢ଼ି କରୁଥିଲେ । ବୁଧବାର ସକାଳୁ କିଛି ଛାତ୍ର ଶୌଚ ପାଇଁ ହଷ୍ଟେଲ ଶୌଚାଳୟକୁ ଯିବା ବେଳେ ଭିତରେ ଆନନ୍ଦେଶ୍ୱର ବେକରେ ଗାମୁଛା ଦେଇ ଝୁଲୁଥିବା ଦେଖିବାକୁ ପାଇଥିଲେ । ଦାୟିତ୍ୱରେ ଥିବା ଅଧକ୍ଷ ସରୋଜ ସାହୁ ଖଜୁରୀପଡା ପୁଲିସକୁ ସୂଚନା ଦେଇଥିଲେ । ଖବର ପାଇବା ପରେ ପୁଲିସ ପହଞ୍ଚି ତହସିଲଦାର ସୌମ୍ୟ ରଂଜନ ପାତ୍ରଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ପଠାଯାଇଥିଲା । ଜିଲ୍ଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାଜେଶ୍ ମୁର୍ମୁ ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି । ଏ ନେଇ ଖଜୁରୀପଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ମୃତକଙ୍କ ବଡ ଭାଇ ସ୍ୱରୂପା ମଲ୍ଲିକ ଆନନ୍ଦେଶ୍ୱରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି ।

## ଫାର୍ମଘର ତାଲା ଭାଙ୍ଗି ଚୋରି

**ବୁଗୁଡ଼ା, ୧୩।୧୧(ସମିସ):** ବୁଗୁଡା ଥାନା ସୁବୁଦ୍ଧିପଲ୍ଲୀ ଗ୍ରାମ ନିକଟରେ ଦଣ୍ଡପାଣି ବେହେରାଙ୍କ ନିର୍ମାଣାଧିନ ଏକ କୁକୁଡା ଫାର୍ମ ଘରୁ ତାଲା ଭାଙ୍ଗି ଚୋରି ହୋଇଥିବା ନେଇ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଛି । ସୁବୁଦ୍ଧିପଲ୍ଲୀ ଗାଁ ନିକଟରେ ଦଣ୍ଡପାଣି ଏକ କୁକୁଡା ଫାର୍ମ ଘର ନିର୍ମାଣ କରୁଥିବା ବେଳେ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ସେଥି ମଧ୍ୟରେ ଥିବା ବିଭିନ୍ନ ଇଲେକ୍ଟ୍ରି ସାମଗ୍ରୀ ଚୋରି କରି ନେଇଯିବା ସହ ଖୋଳା ଯାଇଥିବା ପାଣି ବୋରିଙ୍ଗକୁ ଭାଙ୍ଗି ଦେଇଛନ୍ତି ।

## ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

**ବୁଗୁଡ଼ା, ୧୩।୧୧(ସମିସ):** ବୁଗୁଡ଼ା ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରଦର୍ଶନୀର ଉଦଘାଟନୀ ଉତ୍ସବଟି ବିଇଓ ଚିନ୍ମୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲାବେଳେ ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ତହସିଲଦାର ତାପସ ରାଉତ, ସମ୍ମାନିତ ଅତିଥି ଭାବେ ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ବୁଦ୍ଧଗିରି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ବିଭୂତି ଭୁଷଣ ପ୍ରଧାନ ଓ ଏସ୍‌ଏମସି ସଭାପତି ଦିବ୍ୟଚରଣ ଦାଶ ପ୍ରମୁଖ ଯୋଗ ଦେଇ ଶିଶୁ ବିଜ୍ଞାନୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ପ୍ରଦର୍ଶନୀରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ୭୯ଟି ଏବଂ ମାଧମିକ ବିଦ୍ୟାଳୟ ସ୍ତରରୁ ୪୪ଟି ହିସାବରେ ମୋଟ ୧୨୩ଟି ପ୍ରକଳ୍ପ ସ୍ଥାନ ପାଇଥିଲା ବେଳେ ବିଚାରକ ଭାବେ ବୁଗୁଡା କଲେଜର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଜୟରାମ ବିଷୋୟୀ, ମାଣିତରା କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ମନୋରଞ୍ଜନ ମୁଦୁଲି ଓ ଗଣିତ ଅଧ୍ୟାପକ ପ୍ରିୟବ୍ରତ ପ୍ରଧାନ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ, ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ ପାଇଁ କରସିଙ୍ଗି ହାଇସ୍କୁଲର ପୂଜା ନାୟକ, ପୋଚାଲୁଣ୍ଡି ହାଇସ୍କୁଲର ଇପ୍‌ସିତା ପାଣିଗ୍ରାହୀ, ବାଲିପଦର ହାଇସ୍କୁଲର ଅମିତ କୁମାର ସାସମଲ ଓ ବିରଞ୍ଚିପୁର ହାଇସ୍କୁଲର ରୁଦ୍ର ପ୍ରସାଦ ନନ୍ଦ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା ।

## ଗୋଷାଣି ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ପାରଳାଖେମୁଣ୍ଡି, ୧୩।୧୧(ସମିସ):** ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ପୌରପରିଷଦ ଉଚ୍ଚ ବିଦ୍ୟାଳୟରେ ଗୋଷାଣି ବ୍ଲକସ୍ତରୀୟ ବିଜ୍ଞାନ ମେଳା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁଙ୍କ ନିର୍ଦ୍ଦେଶ ଅନୁସାରେ ଅନୁଷ୍ଠିତ ହୋଇଥିଲା ।। ଗୋଷାଣି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି. କିଶୋରକୁମାର ମେଳାର ଶୁଭାରମ୍ଭ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ପୂର୍ବତନ ଗୋଷାଣି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଳକୃଷ୍ଣ ମାଝି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାକ୍ଷିକ କୁମାର ପଟ୍ଟନାୟକ, ଲିଙ୍ଗରାଜ ପାଢି ଓ ସୁରଜିତ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ । ମେଳାରେ ୮୦ ପ୍ରକଳ୍ପ ସ୍ଥାନ ପାଇଥିଲା । ବରିଷ୍ଠ ବିଭାଗରୁ ୬ ପ୍ରକଳ୍ପ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଠିକ୍ ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଆୟୋଜିତ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏନ୍. ବିମଳ ଧନ୍ୟବାଦ ଦେଇଥିବା ବେଳେ ବିଦ୍ୟାଳୟର ପୂର୍ବତନ ଛାତ୍ର ଭାଗବତ ପାଢି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଆମେରିକୀୟ ଦମ୍ପତି

**ପାରଳାଖେମୁଣ୍ଡି, ୧୩।୧୧(ସମିସ):** ଗଜପତି ଜିଲ୍ଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୬୦ ଏବଂ ୬୧ତମ ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ଆମେରିକାର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି । ସୂଚନା ପ୍ରକାରେ ପିତୃମାତୃହୀନ ଏହି ଦୁଇ ଶିଶୁପୁତ୍ରଙ୍କୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିସାନ ସାଲୋମ ଶିଶୁ ଯତ୍ନ ଅନୁଷ୍ଠାନ, ଗୁମ୍ମା ଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା । ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷ ଧରି ଅନଲାଇନରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଆମେରିକୀୟ ଦମ୍ପତିଙ୍କୁ ପୋଷ୍ୟ ଭାବେ ନେବା ପାଇଁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ । ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଦ୍ୱୟଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ । ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ବୁଧବାର ଶିଶୁଦ୍ୱୟଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି । ଶିଶୁଦ୍ୱୟ ଦୁଇ ଭାଇ ହୋଇଥିବାବେଳେ, ସେମାନଙ୍କୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା । ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ବିଚିତ୍ରାନନ୍ଦ ପାଣି, ନିସାନ ସାଲୋମ ଶିଶୁ ଯତ୍ନ ଅନୁଷ୍ଠାନର ପରିଚାଳକ ଶୁଭଙ୍କର ଲିମ୍ମା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

**ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

## ଚଳିତବର୍ଷ ଖୋଲିବ ୪୫ ଧାନ ସଂଗ୍ରହ କେନ୍ଦ୍ର



ପାରଳାଖେମୁଣ୍ଡି, ୧୩।୧୧(ସମିସ)

ଗଜପତି ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ଡିସେମ୍ବର ୩୦ ତାରିଖରୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ବ୍ଲକର ମଣ୍ଡିରୁ ଧାନକ୍ରୟ ନିମନ୍ତେ ବିଭିନ୍ନ ବିଷୟ ଉପରେ ବିଶେଷ ଆଲୋଚନା ହୋଇଥିଲା । ବୈଠକରେ ବ୍ରହ୍ମପୁର ସାଂସଦ ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଡ଼.ଗୁଣନିଧି ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ମଞ୍ଚାସିନ ଥିଲେ ।

ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲାପାଳ ଚାଷୀଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ନେବାକୁ କହିଥିଲେ । ଚାଷୀ ଅଭିଯୋଗ କରିବାକୁ ଚାହିଁଲେ ୧୯୬୭ ନମ୍ବରକୁ ଯୋଗାଯୋଗ କରି ସହାୟତା ପାଇପାରିବେ ବୋଲି କହିଥିଲେ । ଚଳିତ ବର୍ଷ ସମସ୍ତ ମଣ୍ଡିରେ ନୋଡାଲ ଅଫିସର ଓ ଜଣେ ସୁପରଭାଇଜର ରହିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହ କରିବାକୁ ଆଲୋଚନା କରଯାଇଥିଲ । ସୂଚନା ଅନୁଯାୟୀ କାଶୀନଗର, ଗୋଷାଣି, ରାୟଗଡ଼ ଓ ଗୁମ୍ମା ବ୍ଲକରେ ଡିସେମ୍ବର ୩୦ ତାରିଖ ଚଳିତ ବର୍ଷ ଏଫ୍‌ଏକ୍ୟୁ ଧାନର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୩୧୦୦ ମୂଲ୍ୟ ପ୍ରତି କିଣିବାକୁ ଧାର୍ଯ୍ୟ କରାଯାଇଛି । ଜିଲ୍ଲାର ସମସ୍ତ ଚାଷୀଙ୍କୁ ଏସମ୍ପର୍କରେ ସଚେତନତା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ଖରିଫ ଧାନ ବିକ୍ରୟ ପାଇଁ ଜିଲ୍ଲାରେ ୧୫, ୪୯୧ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ଖରିଫ ଧାନ ପ୍ରକ୍ରିୟାକରଣ ପାଇଁ ଚଳିତ ବର୍ଷ ଜିଲ୍ଲାରେ ୪୫ ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବ, ସେଥିମଧ୍ୟରୁ ଗୋଷାଣି ବ୍ଲକରେ ୨୫, ଗୁମ୍ମା ବ୍ଲକରେ ୩, କାଶୀନଗର ବ୍ଲକରେ ୧୬ ଓ ରାୟଗଡ଼ା ଗୋଟିଏ ଧାନ ସଂଗ୍ରହ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ ବୋଲି ଜଣାପଡ଼ିଛି ।

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ ଶରତ ଚନ୍ଦ୍ର ଚୌଧୁରୀ

ଆବିର୍ଭାବ: ୦୧.୦୪.୧୯୪୦

ତିରୋଧାନ: ୦୩.୧୧.୨୦୨୪

ବିଶ୍ୱ ବ୍ୟାଙ୍କ ସହାୟତାରେ, ଓଡିଶା ସ୍ୱାସ୍ଥ୍ୟ ଉନ୍ନତିକରଣ ପ୍ରକଳ୍ପରେ ସ୍କାଗ, ଭୁବନେଶ୍ୱର ତରଫରୁ ଅଭିଭକ୍ତ ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟରେ ପ୍ରକଳ୍ପ ସଂଯୋଜକ ରୂପେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ସ୍କାଗର ପ୍ରଗତି ପଥରେ ବିଗତ ୨୫ ବର୍ଷରେ ଆପଣଙ୍କର ବୈଷୟିକ ଜ୍ଞାନର ଅନୁଭୂତି ଓ କାର୍ଯ୍ୟ ସଂପାଦନ ପାଇଁ ଆମେ ସମସ୍ତେ କୃତଜ୍ଞ ଓ ଆମ ସମସ୍ତଙ୍କର ଚିର ନମସ୍ୟ । ଆପଣଙ୍କ ବିୟୋଗରେ ସ୍କାଗ ପରିବାର ଅତ୍ୟନ୍ତ ମର୍ମାହତ ଓ ଶୋକାଭିଭୂତ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।

ସ୍କାଗ ପରିବାର

M/s Senior Consultant & Advisor Group (SCAG), Bhubaneswar.

# ଓକିଲଙ୍କୁ ଏସିଡ୍ ଆକ୍ରମଣକୁ ମାନବ ଅଧିକାର ସୁରକ୍ଷା ମଞ୍ଚର ନିନ୍ଦା

**ବ୍ରହ୍ମପୁର, ୧୩।୧୧ (ସମିସ):** ପାରଳାଖେମୁଣ୍ଡି ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପି. ରାମାରାଓଙ୍କ ଉପରେ ଏସିଡ ଆକ୍ରମଣ ଘଟଣାକୁ ନେଇ ମାନବ ଅଧିକାର ସୁରକ୍ଷା ମଞ୍ଚ ଦୃଢ଼ ନିନ୍ଦା କରିଛି। ଘଟଣାର ୩ଦିନ ବିତିଯାଇଥିବା ବେଳେ ପୁଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଥିବା ମଞ୍ଚ ଅଭିଯୋଗ କରିଛି। ଅନ୍ୟକୁ ନ୍ୟାୟଦେବା ପାଇଁ ସବୁବେଳେ ଆଇନଗତ ଲଢେଇ କରୁଥିବା ଆଇନଜୀବୀ ପି. ରାମାରାଓଙ୍କୁ ପୁଲିସ ସୁରକ୍ଷା ଦେବାରେ ବିଫଳ ହୋଇଛି। ଜଣେ ଆଇନଜୀବୀଙ୍କୁ ଏଭଳି ଆକ୍ରମଣ ଲୋକଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି କରିଛି ବୋଲି ମଞ୍ଚ ମତ ପ୍ରକାଶ କରିଛି। ପାରଳାଖେମୁଣ୍ଡି ତଥା ଗଜପତି ଜିଲ୍ଲାରେ ଏଭଳି ଘଟଣା ପ୍ରଥମ ହୋଇଥିବା ବେଳେ ପୁଲିସ ଉପରେ ଲୋକଙ୍କ ଭରସାକୁ ବଜାୟ ରଖିବା ଉଭୟ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପ୍ରାଥମିକ କାର୍ଯ୍ୟ ହେବା ଦରକାର। ତୁରନ୍ତ ଅପରାଧୀଙ୍କୁ ଗିରଫ କରିବା ସହ ଆଇନଜୀବୀ ପି. ରାମାରାଓଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ଓ ସହାୟତା ରାଶି ୩୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ତଥା ଆଇନଜୀବୀ ଅବନୀ ଗୟ ଦାବୀ କରିଛନ୍ତି। ଏହା ସହ ଲୋକଙ୍କୁ ନ୍ୟାୟ ଦେବାପାଇଁ ଲଢେଇ କରୁଥିବା ଓକିଲଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଲାଗୁ କରିବାକୁ ସେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।



- ଆଇନଜୀବୀ ସୁରକ୍ଷା ଆଇନ ତୁରନ୍ତ ଲାଗୁ କରାଯାଉ: ଅବନୀ ଗୟ

### ମହାଦୁର୍ନୀତିର ଗନ୍ତାଘର ପାଲଟିଛି ବିଏମ୍‌ସି!

# ନିର୍ଦ୍ଧାରିତ ସମୟରେ କାମ ସାରୁନାହାନ୍ତି ଠିକାଦାର

**ବ୍ରହ୍ମପୁର,୧୩।୧୧(ସମିସ)**

ବ୍ରହ୍ମପୁର ମହାନଗର ନିଗମରେ ଦୁର୍ନୀତି ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଛି। ଏନେଇ ଖୋଲତାଡ଼ ମଧ୍ୟ ହୋଇଛି। ହେଲେ ବର୍ତ୍ତମାନ ସହରରେ ବିଭିନ୍ନ ପ୍ରକଳ୍ପ ଜରିଆରେ ବିନିଯୋଗ ହେଉଥିବା କୋଟି କୋଟି ଟଙ୍କାର ପ୍ରକଳ୍ପରେ ଅନିୟମିତତା ଓ ହେରଫେର ହେଉଥିବା ଗନ୍ଧ ବାରି ହେଉଛି। ଜଣେ ଜଣେ ଠିକାଦାର ସହରର ବିଭିନ୍ନ ଅଞ୍ଚଳରେ ଏକାଧିକ ପ୍ରକଳ୍ପକୁ ଟେଣ୍ଡର ଜରିଆରେ ହାତେଇବାରେ ସକ୍ଷମ ହେଉଛନ୍ତି। ହେଲେ ଅର୍ଥାଭାବ ହେଉ ଅଥବା ଅନ୍ୟ କୌଣସି କାରଣରୁ ହେଉ ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିବାରେ ବିଫଳ ହେଉଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ସବୁଠାରୁ ବଡ଼କଥା ହେଲା ଠିକାଦାରମାନେ ନିଜ ନାମରେ ଟେଣ୍ଡର ନେଇ ସବ୍‌ଲିଜ ଦେବା ଭଳି ଘଟଣା ମଧ୍ୟ ପଦାକୁ ଆସିଛି। ସେହିଭଳି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିନପାରିଲେ ମଧ୍ୟ ବିଏମସି କର୍ତ୍ତୃପକ୍ଷ ସମ୍ପୃକ୍ତ ଠିକାଦାରଙ୍କୁ କଳା ତାଲିକା ଭୁକ୍ତ ଅଥବା ତାଙ୍କ ବିରୁଦ୍ଧରେ ସାମାନ୍ୟତମ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିପାରୁ ନାହାନ୍ତି। ପୂର୍ବରୁ ଅଫ୍‌ଲାଇନରେ ଟେଣ୍ଡର ହେଉଥିବା ବେଳେ ଟେଣ୍ଡର ଫିକ୍ସି ଭଳି ଅଭିଯୋଗ ହେଉଥିଲା। ଏହାକୁ ରୋକିବା ପାଇଁ ଅଫ୍‌ଲାଇନ ପରିବର୍ତ୍ତେ ଅନଲାଇନ ଟେଣ୍ଡର କରାଗଲା। ତେବେ ଏହା ଦ୍ୱାରା ଟେଣ୍ଡର ଫିକ୍ସି ନହେଲେ ମଧ୍ୟ ଯେକେହି ନିଜ ନାମରେ ଟେଣ୍ଡର ନେଇ ଅନ୍ୟକୁ ସବ୍‌ଲେଟ କରିବା ସମ୍ଭବପର ହେଉଛି। ସେହିଭଳି ଯେକୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ସମୟରେ ସମ୍ପୃକ୍ତ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟର ବିବରଣୀ, ଠିକାସଂସ୍ଥାର ନାମ, ପ୍ରକଳ୍ପ ଅଟକଳ, ପ୍ରକଳ୍ପ ଶେଷ କରିବାର ସମୟସୀମା ଆଦି ବିସ୍ତୃତ ବିବରଣୀ ଥାଇ ସୂଚନା ଫଳକ ଲଗାଯିବା ବିଧି ରହିଛି। ହେଲେ ଏହାକୁ ସହରରେ ଗତ କିଛିବର୍ଷ ହେଲା ଆଦୌ କାର୍ଯ୍ୟକାରୀ କରାଯାଉନଥିବା ଦେଖିବାକୁ ମିଳିଛି। ଏନେଇ ବିଏମସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସୁଶାନ୍ତ ଡୁଙ୍ଗଡୁଙ୍ଗଙ୍କୁ ପଚାରିବାରେ ସେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ଏନେଇ ତାଙ୍କ ନିକଟରେ କୌଣସି ସୂଚନା ନଥିବା ବେଳେ କନିଷ୍ଠଯନ୍ତ୍ରୀ ଓ ସହକାରୀ ନିର୍ବାହୀଯନ୍ତ୍ରୀମାନଙ୍କୁ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି। ସେହିଭଳି ଗୋଟିଏ ୱାର୍ଡରେ ଜଣେ ଠିକାଦାର ଏକାଧିକ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇ ସେଗୁଡିକୁ ନିର୍ଦ୍ଧାରିତ ସମୟରେ ସମ୍ପାଦନ କରୁନଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ତାଙ୍କୁ ଘେରିଥିବା କହିଛନ୍ତି ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ। ୧୨ନମ୍ବର ୱାର୍ଡର ହରିକ୍ରୀଷ୍ଣା ନଗର ଉନ୍ନୟନ କମିଟି ପକ୍ଷରୁ ଏଭଳି ଅଭିଯୋଗ ଆସିବା ପରେ ସେ ସ୍ଥାନୀୟ କର୍ପୋରେଟର ସୂର୍ଯ୍ୟନାରାୟଣ ସୁବୁଦ୍ଧିଙ୍କ ଉପସ୍ଥିତିରେ ଏହାର ସମୀକ୍ଷା କରିଥିଲେ। ଏବଂ କେବଳ ୧୨ନମ୍ବର କାହିଁକି ଅନଲାଇନ ଟେଣ୍ଡର ଜରିଆରେ ବିଭିନ୍ନ ୱାର୍ଡରେ ଠିକାଦାରମାନେ ଏଭଳି ସମସ୍ୟା ସୃଷ୍ଟି କରୁଥିବା ତାଙ୍କ ନଜରକୁ ଆସିଥିବା ସେ କହିଛନ୍ତି।

ଏଭଳି କ୍ଷେତ୍ରରେ ଉଭୟ ଷ୍ଟାଣ୍ଡିଂ କମିଟି ଓ କର୍ପୋରେସନ ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯାଇ ସମ୍ପୃକ୍ତ ଠିକାଦାରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ କଳାତାଲିକା ଭୁକ୍ତ ଓ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।



- ଟେଣ୍ଡର ଫିକ୍ସିଂକୁ ରୋକିବାକୁ ଯାଇ ଅନ୍‌ଲାଇନ ଟେଣ୍ଡରରେ ହେଉଛି ବ୍ୟାପକ ଅନିୟମିତତା
- ସୂଚନା ଫଳକ ନ ଥାଇ ଚାଲିଛି କୋଟି କୋଟି ଟଙ୍କାର ପ୍ରକଳ୍ପ
- ଏଣିକି ଖିଲାପୀ ଠିକାଦାରଙ୍କ ନାଁରେ ଫୌଜଦାରୀ ମାମଲା ସହ କଳାତାଲିକାଭୁକ୍ତ କରାଯିବ: ମେୟର୍

## ଦୁପଟା ଅର୍ଡର କରି ୭୭ ହଜାର ଗୋଲ୍

**ବ୍ରହ୍ମପୁର,୧୩।୧୧(ସମିସ):** ଗୋପାଳପୁର ଥାନା ଆମ୍ବପୁଆ ବୀମା ନଗରରେ ରହୁଥିବା ଗୀତାଞ୍ଜଳି ପଟ୍ଟନାୟକ ଅନଲାଇନରେ ଦୁପଟା ଅର୍ଡର କରି ୭୭ହଜାର ୧୪୫ଟଙ୍କା ଠକେଇର ଶିକାର ହୋଇଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗୀତାଞ୍ଜଳି କିଛିଦିନ ପୂର୍ବେ ଅନଲାଇନ ମାଧ୍ୟମରେ ଦୁପଟା ଅର୍ଡର କରିଥିଲେ। ଯାହାର ମୂଲ୍ୟ ୨୩୦ଟଙ୍କା ଥିଲା। ଅର୍ଡର ପ୍ରକାରେ ପାର୍ସଲ ଗୀତାଞ୍ଜଳିଙ୍କ ନିକଟରେ ପହଞ୍ଚିଥିଲା। ଗୀତାଞ୍ଜଳି ପାର୍ସଲ ଖୋଲି ଦେଖିବା ବେଳେ ଦୁପଟା ଠିକ ନ ଥିଲା। ତେଣୁ ଗୀତାଞ୍ଜଳି ଉକ୍ତ ପାର୍ସଲ ଫେରସ୍ତ କରିଥିଲେ। ଟଙ୍କା ଫେରସ୍ତ ନ ଆସିବାରୁ ସେ କଷ୍ଟମର କେୟାର ସହ ଯୋଗାଯୋଗ କରିଥିଲେ। କଷ୍ଟମର କେୟାର ପକ୍ଷରୁ ହ୍ୱାଟ୍ସଆପରେ କଲ୍ କରି ସେ କହିବା ପ୍ରକାରେ ସ୍କ୍ରିନ ସଟ ଏବଂ ଓଟିପି ଦେଇଥିଲେ। ପରେ ମହିଳାଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ମେସେଜ ଦେଖିବା ବେଳକୁ ଚାରୋଟି କିସ୍ତିରେ ୭୭ହଜାର ୧୪୫ଟଙ୍କା ନିଜ ଆକାଉଣ୍ଟରୁ ଟଙ୍କା କଟିଥିଲା। ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରି ଗୋପାଳପୁର ଥାନାରେ ଅଭିଯୋଗ କରିଛନ୍ତି।।

## କ୍ରିପ୍ଟୋ କରେନ୍ସି ଆଳରେ ଲକ୍ଷାଧିକ ଟଙ୍କା ଠକେଇ

**ବ୍ରହ୍ମପୁର,୧୩।୧୧(ସମିସ):** ବିଭିନ୍ନ କ୍ରିପ୍ଟୋ କରେନ୍ସିରେ ଟଙ୍କା ବିନିଯୋଗ କରି ରାତାରାତି କୋଟିପତି ହେବାର ଲୋଭ ଦେଖାଇ ସାଇବର ଠକମାନେ ଜଣେ ଛାତ୍ରଙ୍କ ଠାରୁ ଲକ୍ଷାଧିକ ଟଙ୍କା ଚୂନ ଲଗାଇ ଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ବୈକୁଣ୍ଠନଗର ଅଞ୍ଚଳରେ ରହୁଥିବା ଶେରଗଡ଼ ଅଞ୍ଚଳର ପିକୁ ପାତ୍ର (୨୧)ଙ୍କ ହ୍ୱାଟ୍ସଆପକୁ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା। ମେସେଜ କରିଥିବା ବ୍ୟକ୍ତି ଜଣଙ୍କ କ୍ରିପ୍ଟୋ କରେନ୍ସି ବିଷୟରେ ସୂଚନା ଦେବା ସହ ଟ୍ରେଡିଂ ଶିକ୍ଷା କରି ଲାଭବାନ ହେବାକୁ ପରାମର୍ଶ ଦେଇଥିଲା। ପରେ ବ୍ୟକ୍ତି ଜଣକ ବିଟ୍ କଏନ, ଏଥେରିୟମ, ବାଇନାନ୍ସ କଏନ, ଡଜି କଏନ, ସିବା ଆଇଏନୟୁ କଏନ ସହ ଅନ୍ୟାନ୍ୟ ଛୋଟ ଛୋଟ ମେମେ କଏନରେ ଟଙ୍କା ବିନିଯୋଗ କଲେ ଟଙ୍କା ବହୁଗୁଣା ହୋଇଯିବ ବୋଲି ପିକୁଙ୍କୁ ଲୋଭ ଦେଖାଇଥିଲେ। ସେହିକ୍ରମରେ ପିକୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରରେ ଟଙ୍କା ପଠାଇଥିଲେ। ଟଙ୍କା ବିନିଯୋଗ କରିବାକୁ ସଂପୃକ୍ତ ବ୍ୟକ୍ତି ଜଣକ ପିକୁଙ୍କୁ ୨ଟି ବ୍ୟାଙ୍କ ଆକାଉଣ୍ଟ ଦେଇଥିଲେ। ସେଥିରୁ ଗୋଟିଏ ଆକାଉଣ୍ଟ ଶିବାଶକ୍ତି ଫିଲିଂ ଷ୍ଟେସନ ଓ ଶ୍ରୀ ଗଣପତି ପେଟ୍ରୋଲ ପମ୍ପ ନାମରେ ରହିଥିଲା। ପିକୁ ଏହି ଦୁଇ ଆକାଉଣ୍ଟରେ ବିଭିନ୍ନ ପର୍ଯ୍ୟାୟରେ ୧ଲକ୍ଷ ୩ହଜାର ଟଙ୍କା ଜମା କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପିକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ବାରମ୍ବାର ଯୋଗାଯୋଗ କରି ବିଫଳ ହେବା ପରେ ଠକେଇର ଶିକାର ହୋଇଥିବା ଜାଣି ପୁଲିସର ଦ୍ୱାରସ୍ଥ ହୋଇଥିଲେ।

## ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

**ବ୍ରହ୍ମପୁର,୧୩।୧୧(ସମିସ):** ନିମଖଣ୍ଡି ଥାନା ଭାବିନୀପୁରସ୍ଥିତ ପାଣି ମହାପ୍ରଭୁ ମନ୍ଦିର ନିକଟରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ହୋଇଛି। ଏନେଇ କୋଣାର୍କ ନଗର ଦ୍ୱିତୀୟ ଲାଇନ ନିବାସୀ ସୁମିତ୍ରା ମୁଦୁଲି(୫୪) ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିବାସହ ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଜାରି ରଖିଛି। ସୁମିତ୍ରା ମୁଦୁଲି ମଙ୍ଗଳବାର ସକାଳେ ଉକ୍ତ ମନ୍ଦିରକୁ ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ଏକ ବାଇକରେ ଆସି ସୁମିତ୍ରାଙ୍କ ସୁନାଚେନ ଝାମ୍ପି ନେଇ ଚମ୍ପଟ ମାରିଥିଲା।

# ମହାନଗର ନିଗମ ମାନ୍ୟତା ହରାଇଲା କି ବ୍ରହ୍ମପୁର

**ବ୍ରହ୍ମପୁର,୧୩।୧୧(ସମିସ):** ବିଧାୟକ ହୁଅନ୍ତୁ ଅଥବା ମେୟର ପ୍ରୋଟକଲ ହିସାବରେ ସେମାନଙ୍କୁ ସରକାରୀ ଭାବେ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଯୋଗାଇ ଦିଆଯାଇଥାଏ। ହେଲେ ଏକ୍ଷେତ୍ରରେ ସରକାର ବଦଳିବା ସହିତ ରାଜ୍ୟ ସରକାରଙ୍କ ଅସହିଷ୍ଣୁତା ପଦାରେ ପଡିଛି। ରାଜ୍ୟରେ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମରେ ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ମେୟରଙ୍କ କ୍ଷେତ୍ରରେ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଯୋଗାଇବାରେ ସରକାର କରିଛନ୍ତି ପାତରଅନ୍ତର। କାରଣ ଉଭୟ ଭୁବନେଶ୍ୱର ଓ କଟକ ମେୟରଙ୍କ ଠାରୁ ବ୍ୟକ୍ତିଗତ ସୁରକ୍ଷା କର୍ମୀ ପ୍ରଦାନ ଅବ୍ୟାହତ ଥିବା ବେଳେ କେବଳ ବ୍ରହ୍ମପୁର ମେୟରଙ୍କ ଠାରୁ ତାଙ୍କର ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ହଟାଇ ଦିଆଯାଇଛି। ପୌରପାଳିକାରୁ ମହାନଗର ନିଗମ ହେବା ପରଠାରୁ ସମସ୍ତ ନିର୍ବାଚିତ ମେୟରଙ୍କୁ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଯୋଗାଇ ଦିଆଯାଇଛି। ତେବେ ହଠାତ ସରକାର ବଦଳିବା ସହିତ ମେୟରଙ୍କ ସୁରକ୍ଷା ଉପରେ ହଠାତ୍ କୁଠାର ଘାତକୁ ନେଇ ଉଠିଛି ପ୍ରଶ୍ନ। ଯଦି ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ରାଜ୍ୟର ସମସ୍ତ ୩ଟି ମେୟରଙ୍କ ଠାରୁ ବ୍ୟକ୍ତିଗତ ସୁରକ୍ଷା କର୍ମୀ ବା ପିଏସଓଙ୍କୁ ହଟାଇ ଦିଆଯାଇଥାନ୍ତା ତେବେ ମାମଲା ଭିନ୍ନ ହୋଇଥାନ୍ତା। କିନ୍ତୁ କେବଳ ବ୍ରହ୍ମପୁରର ନିର୍ବାଚିତ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଠାରୁ ହଠାତ ସେପୁଣି ଉଦ୍ଦେଶ୍ୟ ମୂଳକ ଭାବେ ସୁରକ୍ଷା ବ୍ୟବସ୍ଥାକୁ ହଟାଇ ଦିଆଯିବା ପଛର ରହସ୍ୟ ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିଲା ନାହିଁ। ଏଥି ସହିତ ଏନେଇ ମଧ୍ୟ କୌଣସି ସ୍ପଷ୍ଟ ନିର୍ଦ୍ଦେଶନାମା ବା ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇନଥିବା ବେଳେ ଏନେଇ କୌଣସି ଅଧିକାରୀ ମଧ୍ୟ ମୁହଁ ଖୋଲୁନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ରହ୍ମପୁର ମେୟରଙ୍କ ଠାରୁ ଏଭଳି ଅଚାନକ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରାଯିବା ଫଳରେ ତାଙ୍କର ସମ୍ମାନ ହାନି ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଏହାକୁ ନେଇ ଯଦିଓ ଖୋଦ୍ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଚୁପ୍ ରହିଥିଲେ ହେଲେ ନିଜର ଆତ୍ମସମ୍ମାନର ପ୍ରସଙ୍ଗକୁ ନେଇ ସେ ମୁହଁ ଖୋଲିଛନ୍ତି। ମେୟରଙ୍କ ଠାରୁ ବ୍ୟକ୍ତିଗତ ସୁରକ୍ଷା କର୍ମୀ ହଟାଇବା ନେଇ ତାଙ୍କ ନିକଟକୁ କୌଣସି ଲିଖିତ ବା ସରକାରୀ ନିର୍ଦ୍ଦେଶନାମା ହସ୍ତଗତ ହୋଇନାହିଁ। ତଥାପି ସେ ଏଥିପାଇଁ କେବେ ମଧ୍ୟ ଆବେଦନ ମଧ୍ୟ କରିନଥିଲେ। ତେବେ ତାଙ୍କୁ ଦିଆଯାଇଥିବା ପରେ ତାଙ୍କଠାରୁ ହଠାତ୍ ସୁରକ୍ଷା ବ୍ୟବସ୍ଥାକୁ ସେପୁଣି ବିନା କାରଣରେ ହଟାଇ ଦିଆଯିବା ଫଳରେ ତାଙ୍କର ଆତ୍ମସମ୍ମାନ ଉପରେ ଆଞ୍ଚ ଆସିଛି। ଏଣୁ ସେ ଏହାକୁ ନେଇ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ସ୍ପଷ୍ଟ ସୂଚନା ଦେଇଛନ୍ତି ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ।



- ଅଦାଲତର ଦ୍ୱାରସ୍ଥ ହେବେ ବ୍ରହ୍ମପୁର ମେୟର୍
- ପିଏସଓ ପ୍ରଦାନ କ୍ଷେତ୍ରରେ ପାତରଅନ୍ତର, ମେୟରଙ୍କୁ ଉପେକ୍ଷା
- ବିଜ୍ଞପ୍ତି ବିନା କାହା ନିର୍ଦ୍ଦେଶରେ ନିଆଯାଇଛି ଏଭଳି ନିଷ୍ପତ୍ତି, ଉତ୍ତରଦାୟୀ କିଏ?

## ଆଲ୍‌ଫା କପ୍: ଆସିକା ପାନାସୋନିକ ବିଜୟୀ

**ବ୍ରହ୍ମପୁର,୧୩।୧୧(ସମିସ):** ଆଙ୍କୁଶପୁରସ୍ଥିତ ଏସଏମଆଇଟି ଖେଳ ପଡିଆରେ ଅଲଫା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ୨ୟ ଆଲଫା କପ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ମ୍ୟାଚରେ ଆସିକାର ପାନାସୋନିକ ଦଳ ବିଜୟୀ ହୋଇଛି। ପାନାସୋନିକ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂର ନିଷ୍ପତି ନେଇଥିଲେ। ନିର୍ଦ୍ଧାରିତ ୩୫ଓଭର ମ୍ୟାଚରେ ୩୧.୪ଓଭର ଖେଳି ସମସ୍ତ ୱିକେଟ ହରାଇ ଦଳ ୧୪୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭେନ୍ଦୁ ସାହୁ ୩୨ବଲ ଖେଳି ସର୍ବାଧିକ ବ୍ୟକ୍ତିଗତ ୨୭ରନ ସଂଗ୍ରହ କରିଥିବା ବେଳେ ରାକେଶ ଛତ୍ରୀ ୪୬ବଲରେ ୨୬ କରିଥିଲେ। ଆଲଫା ସ୍ପୋର୍ଟିଂ କ୍ଲବ ପକ୍ଷରୁ ବୋଲିଂରେ ସାଗର ସାହୁ ୫.୪ ଓଭରରେ ୨୧ରନ ଦେଇ ୪ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଅଲଫା(ବି) ୩୨.୫ଓଭର ଖେଳି ସମସ୍ତ ୱିକେଟ ହରାଇ ୧୨୭ରନ କରିଥିଲେ। ଦଳ ପକ୍ଷରୁ ଗୌରୀ ଶଙ୍କର ଦାସ ୯୬ବଲରେ ସର୍ବାଧିକ ବ୍ୟକ୍ତିଗତ ୫୫ରନ କରିଥିଲେ। ପାନାସୋନିକ ଦଳ ପକ୍ଷରୁ ବୋଲିଂରେ ରାକେଶ ଛତ୍ରୀ ୬ଓଭରରେ ୨୨ରନ ଦେଇ ୪ଟି ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚକୁ ପାନାସୋନିକ ଦଳ ୧୩ରନ ବ୍ୟବଧାନରେ ହାତେଇ ନେଇଥିଲା। ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ ଭାବେ ବିଜୟୀ ଆସିକା ପାନାସୋନିକ ଦଳର ରାକେଶ ଛତ୍ରୀ ପୁରସ୍କୃତ ହୋଇଛନ୍ତି। ମ୍ୟାଚରେ ଅମ୍ପାୟାର ଭାବେ ରଜନୀ କାନ୍ତ ରେଡ୍ଡୀ ଓ ନୃସିଂହ ପଟ୍ଟନାୟକ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶିବରାମ ପଣ୍ଡା ସହଯୋଗ କରିଥିଲେ।



## ରାଜ୍ୟସ୍ତରୀୟ ଦୌଡ଼କୁଦରେ ଗଞ୍ଜାମକୁ ୬ ପଦକ

**ବ୍ରହ୍ମପୁର,୧୩।୧୧(ସମିସ):** କେନ୍ଦୁଝରରେ ଆୟୋଜିତ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡାର ଦୌଡ଼କୁଦ ପ୍ରତିଯୋଗିତାରେ ଗଞ୍ଜାମ ଦଳ ୬ଟି ପଦକ ହାସଲ କରିଛି। ସେଥିମଧ୍ୟରୁ ୧୪ବର୍ଷରୁ କମ ବାଳକ ଡିସ୍କସ ଥ୍ରୋରେ ସ୍ୱର୍ଣ୍ଣ ପଦକ, ଉଚ୍ଚ ଡିଆଁ ବାଳକରେ ବ୍ରୋଞ୍ଜ, ୧୦୦ମିଟର ରିଲେରେ ରୌପ୍ୟ, ୮୦୦ମିଟର ବାଧା ଦୌଡ଼ରେ ବ୍ରୋଞ୍ଜ ଓ ୨୦୦ମିଟର ବାଳକରେ ବ୍ରୋଞ୍ଜ ପଦକ ହାସଲ କରିଛି। ସେହିପରି ୧୭ବର୍ଷରୁ କମ ବାଳକ ୫୦୦୦ମିଟର ୱାକିଙ୍ଗରେ ବ୍ରୋଞ୍ଜ ସହ ସମୁଦାୟ ୬ଟି ପଦକ ଜିତିଛନ୍ତି। ପ୍ରତିଯୋଗିତାରେ ଗଞ୍ଜାମ ଦଳରେ ୧୪ ଓ ୧୭ବର୍ଷରୁ କମ ମୋଟ ୨୫ ଖେଳାଳି ଗସ୍ତ କରିଥିଲେ। ସେଥିମଧ୍ୟରୁ ୧୨ଜଣ ବାଳକ ଓ ବାଳିକା ୧୩ଜଣ ଥିଲେ। ଚଳିତ ମାସ ୧୦ରୁ ୧୩ତାରିଖ ପର୍ଯ୍ୟନ୍ତ ଉକ୍ତ ପ୍ରତିଯୋଗିତା ହୋଇଥିଲା। ଦଳରେ ମ୍ୟାନେଜର ଭାବେ ବିଭୂତି ପଟ୍ଟନାୟକ ଓ ସସ୍ମିତା ପ୍ରଧାନ ଓ କୋଚ ଭାବେ ମିଳନ ବେହେରା ଓ ସୁକଦେବ ମହାନ୍ତି ଦଳ ସହ ଗସ୍ତ କରିଥିଲେ।

## କାର୍ ସହ ୩୪ କିଲୋ ଗଞ୍ଜେଇ ଜବତ; ୫ ଗିରଫ

**ବ୍ରହ୍ମପୁର,୧୩।୧୧(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ବଡ଼କୁଶସ୍ଥଳୀ ଗ୍ରାମ ନିକଟରେ ଏକ କାରରୁ ୩୪କିଲୋ ଗଞ୍ଜେଇ ଜବତ ସହ ୫ଜଣଙ୍କୁ ଅବକାରୀ ଗୁଇନ୍ଦା ବିଭାଗ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଖଜୁରିଆ ଗ୍ରାମର ପ୍ରକାଶ ପ୍ରଧାନ (୫୭), ଗୌତମ ପ୍ରଧାନ(୨୬), ବଲାଙ୍ଗୀର ତୁଷୁରା ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭରସଗାର (୩୦), ଫୁଲବାଣୀ ବିଶିପଡ଼ାର ସାରଥୀ କର(୩୨) ଓ ଗାଙ୍ଗପୁର ଥାନା ଅନ୍ତର୍ଗତ ବେଣିପଲ୍ଲୀର ପଞ୍ଚାନନ ବେହେରା(୨୭)। ଜେରା ବେଳେ ସେମାନେ ଉକ୍ତ ଗଞ୍ଜେଇ କନ୍ଧମାଳ ଜିଲ୍ଲାରୁ ବ୍ରହ୍ମପୁର ଦେଇ ଭୁବନେଶ୍ୱର ଚାଲାଣ କରୁଥିଲେ ବୋଲି ସ୍ୱୀକାର କରିଛନ୍ତି। ଜବତ ଗଞ୍ଜେଇ ଓ ଗାଡିର ଆନୁମାନିକ ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ତଦନ୍ତକାରୀ ଅଧିକାରୀ ତଥା ଏସଆଇ ଅଜିତ ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏକ କାର ଯୋଗେ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ହେଉଥିବା ନେଇ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ନିକଟରେ ଖବର ରହିଥିଲା। ସେହିକ୍ରମରେ ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡ଼ିଏସପି ଶୃତିକାନ୍ତ ରାଉତଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ଉକ୍ତ ଟିମ ମଙ୍ଗଳବାର ସ୍ଥାନୀୟ ବଡ଼କୁଶସ୍ଥଳୀ ଗ୍ରାମ ନିକଟରେ ଗାଡି ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଦ୍ରୁତଗତିରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାର ନଂ (ଓଡ଼ି୦୨ବିଭି - ୮୫୯୯)କୁ ଅଟକାଇ ଯାଞ୍ଚ କରାଯାଇ ସେଥିରୁ ୩୪କିଲୋ ଗଞ୍ଜେଇ ଜବତ ହୋଇଥିଲା। ଗାଡ଼ି ଡ୍ରାଇଭର ସମେତ ୫ଜଣଙ୍କୁ ଉକ୍ତ ଟିମ୍ କାବୁ କରିଥିଲା। ଚଢଉବେଳେ କନଷ୍ଟେବଳ ବଳରାମ ଜେନା, କୁମୁଦ ପ୍ରଧାନ, ପ୍ରବୀର ସାମଲ, ସନ୍ତୋଷ ନାୟକ ପ୍ରମୁଖ ସାମିଲ ଥିଲେ। ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବା ସହ ଚାଲାଣ ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ରିତିମତ ବିଭିନ୍ନ ସ୍ଥାନର ଚଢଉ କରାଯାଉଛି ବୋଲି ଡ଼ିଏସପି ସୂଚନା ଦେଇଛନ୍ତି।

## ୫ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ଉଦ୍ୟମ; ଯୁବକ ଗିରଫ

**ବ୍ରହ୍ମପୁର,୧୩।୧୧(ସମିସ):** ଗୋପାଳପୁର ଥାନା ଅଞ୍ଚଳରେ ଘଟିଛି ଅମାନବୀୟ ଘଟଣା। ଜଣେ ୫ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ୨୦ବର୍ଷର ଯୁବକକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଗିରଫ ଯୁବକ ଜଣକ ଗୋପାଳପୁର ଥାନା ଅଞ୍ଚଳର ସୁଶାନ୍ତ ପ୍ରଧାନ (୨୦)। ସୂଚନାଯୋଗ୍ୟ ଯେ, ଉକ୍ତ ଥାନା ଅଞ୍ଚଳର ୫ବର୍ଷର ଶିଶୁକନ୍ୟାର ପରିବାର ଲୋକେ କୌଣସି ଏକ କାମରେ ବାହାରକୁ ଯାଇଥିଲେ। ସେହି ସମୟରେ ଶିଶୁକନ୍ୟା ଜଣକ ଅଙ୍ଗନବାଡିରୁ ଫେରି ଘରେ ଏକୁଟିଆ ଥିଲା। ଏହାର ସୁଯୋଗ ନେଇ ଶିଶୁକନ୍ୟାକୁ ଡାକି ସାଙ୍ଗରେ ନିଜ ଘରକୁ ନେଇଯାଇ ଦୁଷ୍କର୍ମ ପାଇଁ ଉଦ୍ୟମ କରିଥିଲା ଅଭିଯୁକ୍ତ ସୁଶାନ୍ତ। ଏହି ସମୟରେ ସୁଶାନ୍ତଙ୍କ ସମ୍ପର୍କୀୟ କେହି ଆସିଯିବାରୁ ସେ ଶିଶୁକନ୍ୟାକୁ ଛାଡ଼ି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଅନ୍ୟପକ୍ଷରେ ଶିଶୁକନ୍ୟା ଜଣକ ଘରକୁ ଫେରି ଘଟଣା ସମ୍ପର୍କରେ ବାପା ଓ ମାଆକୁ ଜଣାଇଥିଲା। ପରେ ଘଟଣାକୁ ନେଇ ଶିଶୁକନ୍ୟାର ପରିବାର ଲୋକେ ଗ୍ରାମର ମୁଖ୍ୟ ଓ ଭଦ୍ର ବ୍ୟକ୍ତିଙ୍କୁ ଜଣାଇବା ପରେ ଶିଶୁକନ୍ୟାକୁ ନ୍ୟାୟ ପ୍ରଦାନ ପାଇଁ ଗ୍ରାମସଭା ହୋଇଥିଲା। ପରେ ଶିଶୁକନ୍ୟାଙ୍କ ସମେତ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ଶିଶୁକନ୍ୟାର ବୟାନ ରେକର୍ଡ କରିଥିଲା। ପରେ ଅଭିଯୁକ୍ତ ସୁଶାନ୍ତକୁ ଗିରଫ କରିଥିଲା।

## ସେନା କର୍ମଚାରୀଙ୍କ ନିର୍ମାଣାଧୀନ ଘରୁ ଚୋରି

**ବ୍ରହ୍ମପୁର,୧୩।୧୧(ସମିସ):** ଭାରତୀୟ ସେନାରେ ଜାମ୍ମୁ କାଶ୍ମୀରରେ କାର୍ଯ୍ୟରତ ସୁବାସଚନ୍ଦ୍ର ପଲେଇଙ୍କ ବ୍ରହ୍ମପଲ୍ଲୀ ନିକଟ ଗଣେଶବିହାରଠାରେ ଥିବା ନିର୍ମାଣାଧୀନ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପାଣି ମୋଟର, ପାଇପ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅଲୋଡ଼ା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପରୀକ୍ଷାକେନ୍ଦ୍ର କୋଠା

**ବ୍ରହ୍ମପୁର,୧୩।୧୧(ସମିସ)**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ବହୁ ପୁରାତନ ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ଏଠାରେ ବିଭିନ୍ନ ପାଠ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଶ୍ୱବିଦ୍ୟାଳୟରେ ସ୍ଥାନାଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଏହାର ପ୍ରଭାବ ପଡୁଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷାନୁଷ୍ଠାନ ପରିସରରେ ପ୍ରାୟ ୫କୋଟି ଟଙ୍କା ବ୍ୟୟରେ ଏକ ଦୁଇ ମହଲା ବିଶିଷ୍ଟ ସ୍ୱତନ୍ତ୍ର ପରୀକ୍ଷା କେନ୍ଦ୍ର କୋଠା ନିର୍ମାଣ କରାଯାଇଥିଲା। ତଳ ମହଲାରେ ପରୀକ୍ଷା ନିୟନ୍ତ୍ରଣ କାର୍ଯ୍ୟାଳୟ ଏବଂ ଉପର ମହଲାରେ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ରହିଛି। ଉକ୍ତ କେନ୍ଦ୍ରରେ ପ୍ରାୟ ୫୦୦ଛାତ୍ରଛାତ୍ରୀ ଏକକାଳୀନ ପରୀକ୍ଷା ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଦୀର୍ଘ ୪ବର୍ଷରୁ ଅଧିକ କାଳ ହେବ ପରୀକ୍ଷା କେନ୍ଦ୍ର କୋଠା ଅବ୍ୟବହୃତ ହୋଇ ଶିକ୍ଷାନୁଷ୍ଠାନ ନିମନ୍ତେ ଅଲୋଡ଼ା ପଡିଛି। କୋଠା ନିର୍ମାଣ ଦିନଠାରୁ ସେଠାରେ ଗୋଟିଏ ମଧ୍ୟ ପରୀକ୍ଷା ଆୟୋଜନ ହୋଇନଥିବା ବେଳେ ବର୍ତ୍ତମାନ ସୁଦ୍ଧା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରଣ କାର୍ଯ୍ୟାଳୟକୁ ଉକ୍ତ କୋଠାକୁ ସ୍ଥାନାନ୍ତର ମଧ୍ୟ କରାଯାଇ ନାହିଁ। ଏନେଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶାନ୍ତିସୁଧା ପାତ୍ର ପରୀକ୍ଷା ନିୟନ୍ତ୍ରକଙ୍କୁ ନିର୍ଦ୍ଦେଶ ଦେଇଥିଲେ ସତ୍ତ୍ୱେ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇ ନଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ନହୋଇ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା କୋଠା ଏବଂ ସେଥିରେ ଲାଗିଥିବା ବିଭିନ୍ନ ସାମଗ୍ରୀ ବ୍ୟବହାର ନହୋଇ ନଷ୍ଟ ହେବାରେ ଲାଗିଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ଼ା. ମନୋଜ ପଟ୍ଟନାୟକଙ୍କ କହିବା ମୁତାବକ ପରୀକ୍ଷା କେନ୍ଦ୍ର କୋଠାରେ ଆବଶ୍ୟକ ମୁତାବକ ଭିତ୍ତିଭୂମି ଅଭାବ ରହିଥିବାରୁ ଉକ୍ତ କୋଠାକୁ ପରୀକ୍ଷା ନିୟନ୍ତ୍ରଣ କାର୍ଯ୍ୟାଳୟ ଭାବେ ବ୍ୟବହାର କରିବାରେ ସମସ୍ୟା ରହିଛି। କୋଠାରେ ସମସ୍ତ ଭିତ୍ତିଭୂମିର ବ୍ୟବସ୍ଥା ପରେ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ରକୁ ସ୍ଥାନାନ୍ତରିତ କରାଯିବ। ଅପରପକ୍ଷରେ ଉକ୍ତ ପରୀକ୍ଷା କେନ୍ଦ୍ର କୋଠା କାର୍ଯ୍ୟକ୍ଷମ ହେଉନଥିବାରୁ ବିଭିନ୍ନ ସମୟରେ ତାହା ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧାସୃଷ୍ଟି କରୁଛି।

ବିଶ୍ୱବିଦ୍ୟାଳୟରେ ଉଭୟ ପରୀକ୍ଷା ଓ ଅଧ୍ୟୟନ ପାଇଁ ବହୁ ପ୍ରକୋଷ୍ଠର ଆବଶ୍ୟକତା ରହିଛି। ସ୍ୱତନ୍ତ୍ର ପରୀକ୍ଷା କେନ୍ଦ୍ର କୋଠାକୁ ବ୍ୟବହାର କରାଗଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରନ୍ତା। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।





- କାର୍ଯ୍ୟକାରୀ ହେଉନି କୁଳସଚିବଙ୍କ ନିର୍ଦ୍ଦେଶ
- ଅବ୍ୟବହୃତ କୋଠାରେ ନଷ୍ଟ ହେଉଛି ସାମଗ୍ରୀ

ସକାଳ THE SAKALA



## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଦିଗପହଣ୍ଡି,୧୩।୧୧(ସମିସ):** ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ପଞ୍ଚାୟତର ପୂର୍ବତନ ସରପଞ୍ଚ କେ.ଅଭିମନ୍ୟୁ ରେଡ୍ଡୀଙ୍କ ପରଲୋକ ଘଟିଛି। ବି. ତୁରୁବୁଡି ପଞ୍ଚାୟତ କାଣ୍ଡେଶ୍ୱର ଗ୍ରାମ ସ୍ଥିତ ବାସଭବନରେ ତାଙ୍କ ପରଲୋକ ଖବରପାଇ ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପରଲୋକ ଖବର ପାଇ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର, ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ରେଡୀ ସଂଘ କାର୍ଯ୍ୟକର୍ତ୍ତା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପୁଅ ପୂର୍ବତନ ସରପଞ୍ଚ କେ.ସଞ୍ଜୀବ କୁମାର ରେଡ୍ଡୀଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଅନ୍ତିମ ସଂସ୍କାରରେ ସାମିଲ ଥିଲେ।

## ଜାତୀୟ ଲୋକସେବା ଓ ପ୍ରସାରଣ ଦିବସ

**ଗୋପାଳପୁର,୧୩।୧୧(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଜାତୀୟ ଲୋକସେବା ଓ ପ୍ରସାରଣ ଦିବସ ପାଳନ ହୋଇଥିଲା। ବିଭାଗୀୟ ମୁଖ୍ୟ ଡ଼. ବନ୍ଦିତା କୁମାରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଞ୍ଚ ଉପସ୍ଥାପକ ହୃଷିକେଶ ପାଣିଗ୍ରାହୀ ଯୋଗ ଦେଇ ପ୍ରସାରଣ ଓ ସାମ୍ବାଦିକତା ପାଇଁ ନିଜକୁ ସ୍ୱତନ୍ତ୍ର ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିବା ମଞ୍ଚ ଉପସ୍ଥାପିକା ସୁଦୀପ୍ତା ପାଣିଗ୍ରାହୀ, ପ୍ରଫେସର ଗଣେଶ ସେଠି, ଜୟନ୍ତ କୁମାର ପଣ୍ଡା, ଡ଼. ଚିନୁ ବହିଦାର, ଡ଼. ନେହା ପାଣ୍ଡେ, ଅଗ୍ନି କୁମାର ବେହେରା, ସୌରଭ ପ୍ରକାଶ ସେଠ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ର ଶ୍ୱାସ୍ତି ସୁନ୍ଦର ସିୟା ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳିତ ସମାଜର କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର,୧୩।୧୧(ସମିସ):** ଗଂଜାମ ଜିଲ୍ଲା ବଡ଼ଗଡ଼ ଶ୍ରୀ ଗଣେଶ କଲ୍ୟାଣ ମଣ୍ଡପ ଠାରେ ଦଳିତ ସମାଜର ନୂତନ କର୍ମକର୍ତ୍ତା ମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ବଡ଼ଗଡ଼ ହରିଜନ ସାହି କୁଳ ପଞ୍ଚାୟତ ଓ ବୁଢ଼ୀ ଠାକୁରାଣୀ ଯୁବକ ସଂଘ ତଥା ଦୟାନିଧି ବାବା, ଧୀରେଷ ବିଷୋୟୀ, ଅବିନାଶ ବେହେରା, ଟୁକୁଣା ବିଷୋୟୀ, ପବିତ୍ର ନାୟକଙ୍କ ଦ୍ୱାରା ବିରାଟ ପଟୁଆର କରି ସଭାସ୍ଥଳକୁ ପାଛୋଟି ନେଇଥିଲେ। ବୈଠକକୁ ବାସୁଦେବ ନାୟକ ଉଦଘାଟନ କରିଥିଲେ। ଆସନ୍ତା ଡ଼ିସେମ୍ବର ୮ ତାରିଖରେ ବ୍ରହ୍ମପୁର ସହର ଟାଉନ ହଲରେ ଜିଲ୍ଲାର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରହ ଉତ୍ସବ ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ଜିଲ୍ଲା ସଭାପତି ମନୋରଞ୍ଜନ ନିମାଇଁ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ରୋହିତ ନାୟକ ସାଧାରଣ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅଧ୍ୟକ୍ଷ ଚିନ୍ତାମଣି ନାୟକ, ରାଜ୍ୟ ସଭାପତି ଗୋପୀନାଥ ନାୟକ, ସାଧାରଣ ସମ୍ପାଦକ ଅଶୋକ କୁମାର ନାୟକ, ପୂର୍ବତନ ଅଧ୍ୟକ୍ଷ ଜାପାନୀ ନାୟକ, ବାବାଜୀ ନାୟକ, ଫାଲଗୁନୀ ମାଧେଇ, ସୁରେଶ ନାହକ, ଦନାରଦନ ଘଡେଇ, ଜ୍ୟୋତିନ୍ଦ୍ର ଘଡେଇ, ସରୋଜ ଦାସ, ରାଜେଶ ନାୟକ, କୈଳାଶ ଘଡେଇ, ଦିଲୀପ ହାତୀ, ଜଗା ହାତୀ, ଅରୁଣ ନାୟକ, ନାରାୟଣ ନାୟକ, ସନ୍ୟାସୀ ନାୟକ, କାଳୁଚରଣ ମଢେଇ, ଶରତ ଘଡେଇ, ପବିତ୍ର ନାୟକ, ସୁଧୀର ନାୟକ, ଉତ୍ତମ ନାୟକ, ଭଗବାନ ନାୟକ, ରାଜେନ୍ଦ୍ର ନାୟକ, କୈଳାଶ ନାୟକ, ଅରକ୍ଷିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ବାବୁଲା ବେହେରା ଧନ୍ୟବାଦ ଦେଇଥିଲେ।

# ବୁଲୁଛି ଅହିରାଜ, ଲୋକେ ଭୟଭୀତ



**ରାୟଗଡ଼,୧୩।୧୧(ସମିସ):** ଗାଁରେ ବୁଲୁଛି ଅହିରାଜ। ଭୟରେ ଲୋକେ ନିକଟରେ ଥିବା ପୋଖରୀକୁ ସ୍ନାନଶୌଚ ପାଇଁ ଯାଉଛନ୍ତି ନା ପିଲା ମାନେ ଖେଳି ପାରୁଛନ୍ତି। ଦୁଇ ଦିନ ହେବ ଏଭଳି ଭୟରେ ରହିଛନ୍ତି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ସଦର ମହକୁମା ବିଶୋୟୀ ସାହି ବାସିନ୍ଦା । ମଙ୍ଗଳବାର ଉକ୍ତ ସାହିର ଦୁଇ ମହିଳା ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ଏକ ବିରାଟ ବଡ଼ ସାପ ଦେଖିଥିଲେ। ଭୟରେ ସେମାନେ ପାଟି କରି ଦୌଡ଼ି ଆସିଥିଲେ। ସେମାନଙ୍କ ପାଟି ଶୁଣି ଲୋକେ ସେଠାକୁ ଯାଇ ଦେଖିବା ବେଳେ ସେଠାରେ ପ୍ରାୟ ୧୮ ଫୁଟ ଲମ୍ବାର ଅହିରାଜ ସାପ ଆଉ ଗୋଟିଲ ସାପକୁ ଖାଉଥିବା ଦେଖିବାକୁ ମିଳିଥିଲା। ବିରାଟକାୟ ସାପକୁ ଦେଖି ସମସ୍ତେ ଭୟଭୀତ ହୋଇଯାଇଥିଲେ। ଖବର୍ ପ୍ରଚାରିତ ହେବା ପରେ ସାପକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ବୁଧବାର ସକାଳେ ସାହି ନିକଟରେ ଥିବା ଭଲିବଲ୍ ପଡିଆରେ ସାପ ବୁଲୁଥିବା ଦେଖାଯାଇଥିଲା।

## ଗାୟତ୍ରୀ ଶକ୍ତିପୀଠ ପ୍ରତିଷ୍ଠା ଉତ୍ସବ
## ଦ୍ୱିତୀୟ ଦିନରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା

**ରମ୍ଭା,୧୩।୧୧(ସମିସ):** ରମ୍ଭା ସହରର ପବିତ୍ର ଗାୟତ୍ରୀ ଶକ୍ତିପୀଠର ଚାଳିଶତମ ପ୍ରତିଷ୍ଠା ଦିବସର ଦିତୀୟ ଦିବସରେ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦ ତରଫରୁ ବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୀଠର ଟ୍ରଷ୍ଟି ରଥାଙ୍ଗ ରମଣ ନାହକଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ରମ୍ଭା ନଗରର ପ୍ରାକ୍ତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଗୋପାଳକୃଷ୍ଣ ସେନାପତି, ବିଚାରକ ଭାବେ ଆଞ୍ଚଳିକ ଲୋକକଳା ଓ ପଲ୍ଲୀ ବିକାଶ ପାଠଗାର ଲଙ୍ଗଳେଶ୍ୱରର ନିର୍ଦ୍ଦେଶକ ପ୍ରହଲ୍ଲାଦ ବେହେରା, ସୃଜନୀ ଆର୍ଟ ସ୍କୁଲର ଅଧ୍ୟକ୍ଷ ତପନ କୁମାର୍ ସାମନ୍ତ, ଶିକ୍ଷକ ଦେବେନ୍ଦ୍ର ନାହାକ, ଦଣ୍ଡପାଣି ପାତ୍ର ଯୋଗଦେଇଥିଲେ। ବରିଷ୍ଠ କବି ସୌଭାଗ୍ୟ କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବେ ଗଞ୍ଜାମ କବିତାଘର ଲିଟେରାରୀ ଟ୍ରଷ୍ଟର ଅଧ୍ୟକ୍ଷ ତଥା ସାହିତ୍ୟିକ ଭାଗିରଥି ବେହେରା ଯୋଗ ଦେଇ ଓଡ଼ିଆ ସାହିତ୍ୟର ସାଂପ୍ରତିକ ପିଢ଼ି ଉପରେ ଆଲୋକପାତ କରିଥିଲେ। କବିତା ଆସରରେ କବି ଗଣେଶ ଚନ୍ଦ୍ର ବେହେରା, ପିତାମ୍ବର ଦାଶ, ମକୁନ୍ଦ ବେହେରା, ଅଭିମନ୍ୟୁ ନାୟକ, କେଶବ ବେହେରା, କେଳୁ ଚରଣ ନାହାକ, ଘନଶ୍ୟାମ ବେହେରା, ମମତା ସୁଆର, ଗୋବିନ୍ଦ ଜେନା, ଅଭିମନ୍ୟୁ ପରିଡ଼ା, ଲଳିତ କୁମାର ସ୍ୱାଇଁ, ସରୋଜବାଳା ପଟ୍ଟନାୟକ, ପ୍ରଭାତ ମିଶ୍ର, ବ୍ରଜବନ୍ଧୁ ବେହେରା, ଚନ୍ଦନ ବେହେରା, କେଶବ ଚନ୍ଦ୍ର ସାହୁ, ମୀମାଂସା ଗୌଡ, ଡ ଦ୍ୱାରିକାନାଥ ମହାରଣା ପ୍ରମୁଖ ସ୍ୱରଚିତ କବିତା ପଠନ କରିଥିଲେ। ଗୋପାଳ କୃଷ୍ଣ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ଜ୍ୟୋସ୍ନା କୁମାରୀ ପ୍ରଧାନ ଓ ବରିଷ୍ଠ କବି ନୀଳକଣ୍ଠ ଦାଶ କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ପଣ୍ଡିତ ଶ୍ରୀରାମ ଶର୍ମା ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସଂପାଦକ ପଞ୍ଚାନନ ଖଟୁଆ ଓ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ଟ୍ରଷ୍ଟି ଉମାକାନ୍ତ ସାହୁ, ସତ୍ୟ ନାରାୟଣ ଆଚାରି,ବିଜୟ ମିସ୍ତ୍ରୀ, ସୁମନ୍ତ ନାୟକ, କାଳୁ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଥିବା ଦମ୍ପତିଙ୍କୁ ସମ୍ବର୍ଦ୍ଧନା

**ଗୋପାଳପୁର,୧୩।୧୧(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରକୋଷ୍ଠରେ ମଙ୍ଗଳବାର ଅପରାହ୍ନରେ ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଥିବା ମଞ୍ଚ ଉପସ୍ଥାପକ ଦମ୍ପତି ହୃଷୀକେଶ ଓ ସୁଦୀପ୍ତା ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦମ୍ପତି ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନା କରିବା ସହ ଏକମାତ୍ର ଉପସ୍ଥାପକ ଦମ୍ପତି ହିସାବରେ ଖ୍ୟାତି ଅର୍ଜନ କରିଥିବାରୁ ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍ ଦ୍ୱାରା ପ୍ରମାଣଭୁକ୍ତ ହୋଇଛି। କୁଳପତି ପ୍ରଫେସର ଦାଶ କହିଛନ୍ତି ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍‌ରେ ସ୍ଥାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବା କମ ଗୌରବର କଥା ନୁହେଁ। ହୃଷୀକେଶ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର, ତେଣୁ ଏହା ବିଶ୍ୱବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁଳପତି କହିଥିଲେ। ସାମ୍ବାଦିକତା ଓ ଗଣଯୋଗଯୋଗ ବିଭାଗ ମୁଖ୍ୟ ଡ. ବନ୍ଦିତା କୁମାରୀ ପଣ୍ଡା, ପ୍ରଫେସର ଗଣେଶ ସେଠୀ, ଡ ଜୟନ୍ତ ପଣ୍ଡା, ଡ ଚିନୁ ବୋହିଦାର, ଡ ଅଗ୍ନୀ ବେହେରା, ସୌରଭ ସେଠ ଏବଂ ଡ.ମିହିର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ଆଇନଜୀବୀ ସଂଘର ବାର୍ଷିକ ଉତ୍ସବ




**ସୋରଡା,୧୩।୧୧(ସମିସ):** ସୋରଡ଼ା ଆଇନଜୀବୀ ସଂଘ ଆନୁକୂଲ୍ୟରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନୀୟ ଆଇନଜୀବୀ କଲ୍ୟାଣ ପାଣ୍ଠିର ଉନ୍ମୋଚନ ଓ ସୋରଡ଼ା ବରିଷ୍ଠ ଦେୱାନି ବିଚାରପତି ଅଦାଲତର ବାର୍ଷିକ ଉତ୍ସବ ଆଇନଜୀବୀ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ଶ୍ରୀ ଶିବ ପ୍ରସାଦ ବାହିନୀପତି ସଭାପତିତ୍ୱ କରିଥିଲେ। ଆଇନଜୀବୀ ସଂଘର ସମସ୍ତ ସଦସ୍ୟ ଓ ଭଞ୍ଜନଗର ଆଇନଜୀବୀ ସଂଘର ସଭାପତି ଶୈଳେନ୍ଦ୍ର କୁମାର ସାହୁ ସମ୍ପାଦକ ଏବଂ ଅନ୍ୟାନ୍ୟ ଆଇନଜୀବୀ ସହଯୋଗ କରିଥିଲେ । ଅଞ୍ଚଳର ବହୁ ବୁଦ୍ଧିଜୀବୀ ସାମ୍ବାଦିକ ଯୋଗଦାନ କରିଥିଲେ । ଆଇନଜୀବୀ କଲ୍ୟାଣ ପରିଷଦ ଅଧ୍ୟକ୍ଷ ପ୍ରଭାତ କୁମାର ପାତ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଅରୁଣ ଦାସ, ଶ୍ରୀବତ୍ସ କୁମାର ସାହୁ, ମଧୁସୂଦନ ସ୍ୱାଇଁ, ଶକ୍ତିରଞ୍ଜନ ସୁଆର, ପ୍ରଦୀପ ଶେଖର ପାଲ, ବିଜନ ଦାସ, ରବୀନ୍ଦ୍ର କୁମାର ବେବର୍ତ୍ତା ପଟ୍ଟନାୟକ, ମହମ୍ମଦ ଆସଲମ୍ ଶରିଫ, କୁମାରୀ ଶ୍ରାବଣୀ ଦାସଙ୍କ ସହିତ କିଛି ସ୍ୱେଚ୍ଛାସେବୀ ଓ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ସଂଘ ସମ୍ପାଦକ କାଳୀ ଚରଣ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କୋଠାରୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

**ଧରାକୋଟ,୧୩।୧୧(ସମିସ):** ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ଗ୍ରାମର ମା' ସିଦ୍ଧ କୋଠାରୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି। ଅବସରରେ ପ୍ରଭାତରୁ କର୍ମାରମ୍ଭ, ଅଗ୍ନି ସଂସ୍କାର, ସଲାପୂଜା ପରେ ନଗର ପରିକ୍ରମା କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନ ଯଜ୍ଞ ପରେ ଅପରାହ୍ନରେ ଦେବୀଙ୍କର ସିଂହାସନ ଆରୋହଣ ପରେ ହୋମ, ଆଳତି ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯିବାପରେ ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସନ୍ଧ୍ୟାରେ ପ୍ରବଚକ ଜିତୁ ଦାସଙ୍କ ଦ୍ୱାରା ପ୍ରବଚନ ପ୍ରଦାନ କରାଯାଇଥିଲା। ମୁଣ୍ଡମରାଇ ଗ୍ରାମର ମା'ସିଦ୍ଧ କୋଠାରୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଅଞ୍ଚଳର ଶହ ଶହ ଭକ୍ତ ସାମିଲ ହୋଇଥିଲେ।

## ରାଧାକୃଷ୍ଣ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍

**ହିଞ୍ଜିଳିକାଟୁ,୧୩।୧୧(ସମିସ):** ହିଞ୍ଜିଳିକାଟୁ ସହର ସୀମାନ୍ତ ଘୋଡାହାଡ ନଦୀ କୂଳରେ ଥିବା ରାଧାକୃଷ୍ଣ ମନ୍ଦିର ଦାନ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ ହୋଇଛି। ଏନେଇ ମନ୍ଦିର ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ଗୌଡ଼ ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ମୁତାବକ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ କିଛି ଦୁର୍ବୃତ୍ତ ନଦୀ କୂଳରେ ଥିବା ପରିବା ପାଲି ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ପଶି ସେଠାରେ ଥିବା ଦାନ ହୁଣ୍ଡିର ତାଲା ଭାଙ୍ଗି ସେଥିରେ ଥିବା ସମସ୍ତ ଦାନ ଟଙ୍କା ଲୁଟ କରି ସେଠାରୁ ଚମ୍ପଟ ମାରିଥିଲେ। ବଡ଼ି ଭୋର ସମୟରେ ପରିବା ବ୍ୟବସାୟୀ ମାନେ ଦୋକାନ ଖୋଲିବା ପାଇଁ ଆସିଲା ବେଳକୁ ମନ୍ଦିରରେ ଦାନହୁଣ୍ଡି ଭାଙ୍ଗି ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ମନ୍ଦିର ପରିଚାଳନା କମିଟି ସଭାପତି ଏବାବଦରେ ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହିଞ୍ଜିଳି ପୁଲିସ ଥାନାରେ ୯୪୩/୨୪ କେସ ନମ୍ବରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଶ୍ରୀନିବାସ ସେଠୀ କହିଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

**ସାନଖେମୁଣ୍ଡି,୧୩।୧୧(ସମିସ):** ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅନ୍ତର୍ଗତ ଦୟାନିଧିପୂର ଗ୍ରାମରେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦୟାନିଧିପୁର ଗ୍ରାମର ଲଡୁ ବେହେରା। ସୂଚନା ମୁତାବକ ବୁଧବାର ସକାଳ ସମୟେ ଲଡୁ ଘରୁ ଗାଧୋଇବାକୁ ଗାଁ ପୋଖରୀକୁ ଯାଇଥିବାବେଳେ ଅସାବଧାନତା ଯୋଗୁଁ ଗୋଡ଼ ଖସି ପୋଖରୀରେ ବୁଡି ଯାଇଥିଲେ। କିଛି ଘଣ୍ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଘର ଲୋକ ବହୁ ଖୋଜାଖୋଜିବା ପରେ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି।

## ବାଇକରୁ ପଡ଼ି ମହିଳା ମୃତ

**ପୁରୁଷୋତ୍ତମପୁର,୧୩।୧୧(ସମିସ):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର-ଭୂତସରସିଙ୍ଗି ରାଜ୍ୟପଥରେ ବୁଧବାର ଜଣେ ମହିଳା ବାଇକରୁ ଖସି ପଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଯାଜପୁର ଜିଲ୍ଲାର ରୁଦ୍ରପୁର ଗ୍ରାମର ବଡବାଘ ସାହି ବାସିନ୍ଦା ସୁକାନ୍ତି ଜେନା (୪୬)। ସେ ଦୀର୍ଘ ୪ବର୍ଷ ହେଲା ଭୂତସରସିଙ୍ଗି ସ୍ଥିତ ମହତାବ ବୃଦ୍ଧାଶ୍ରମରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଭୂତସରସିଙ୍ଗ ସରପଞ୍ଚ ମନୋଜ ଦାଶଙ୍କ ବାଇକରେ ବୁଧବାର ବୃଦ୍ଧାଶ୍ରମକୁ ଫେରୁଥିବାବେଳେ ଏନଏଏସି ସ୍ୱାଗତ ତୋରଣ ନିକଟରେ ଏକ ଖାଲ ପଡି ଯିବାରୁ ଯୁବକ ଜଣଙ୍କ ଗାଡିର ବ୍ରେକ ଦେଇଥିଲେ। ଫଳରେ ମହିଳା ଜଣଙ୍କ ଗାଡିରୁ ଛିଟିକି ତଳେ ପଡିଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧାଶ୍ରମର କର୍ମଚାରୀ ସଞ୍ଜିବ ସାମଲଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମଦ ଜବତ, ମହିଳା ଗିରଫ

**ଦିଗପହଣ୍ଡି,୧୩।୧୧(ସମିସ):** ଦିଗପହଣ୍ଡି ବ୍ଲକ ଅଧିନ ବିଭିନ୍ନ ଗ୍ରାମାଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ ଧରପଗଡକୁ ଜୋରଦାର କରାଯାଇଛି। ବୁଧବାର ସକାଳେ ଭ୍ରମରପୁର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ମମତା ଦଳେଇ ଗ୍ରାମର ରାସ୍ତାକଡରେ ଦେଶୀମଦ ବିକ୍ରି କରୁଥିବା ବେଳେ ଧରାପଡ଼ିଛନ୍ତି। ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ତାଙ୍କ ନିକଟରୁ ୩୦ ଲିଟର ଦେଶୀମଦ ଜବତ କରିବା ସହ ତାଙ୍କୁ କୋର୍ଟଚାଲାଣ କରିଛନ୍ତି। ସକାଳେ ଅବକାରୀ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା, ଏଏସଆଇ ଆର.ଲକ୍ଷ୍ମୀ ରେଡୀ ଏବଂ କନେଷ୍ଟବଳ ଅଂଶୁମାନ ପରିଡ଼ା ପାଟ୍ରୋଲିଂ କରୁଥିବାବେଳେ ତାଙ୍କ ନିକଟରୁ ୨ଟି ପ୍ଲାଷ୍ଟିକ ଜାରକିନରେ ଥିବା ୩୦ ଲିଟର ଦେଶୀମଦ ଜବତ କରିଥିଲେ।

# ମାରଦା ମହୋତ୍ସବ ପାଇଁ ସ୍ଥାନ ନିରୂପଣ



**ପୋଲସରା,୧୩।୧୧(ସମିସ):** ମାରଦା ମନ୍ଦିର ନିକଟରେ ଆୟୋଜନ ହେବ ମାରଦା ମହୋତ୍ସବ। ଯାହାକୁ ନେଇ ସ୍ଥାନ ନିରୂପଣ ହୋଇଯାଇଛି। ମାରଦା ମହୋତ୍ସବ ନିମନ୍ତେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପୋଲସରା ତହସିଲଦାର ଦିପ୍ତିମୟୀ ପାତ୍ର, ବିଡ଼ିଓ କୁରେଶ ଚନ୍ଦ୍ର ଜାନୀ, ଡିଏସ୍‌ପି ରଞ୍ଜିତ କୁମାର ପୃଷ୍ଟି, ଥାନା ଅଧିକାରୀ କୌଶିକ ମାଝୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଷି ମାଝି, ବନାଞ୍ଚଳ ଅଧିକାରୀ ଅନିଲ କୁମାର ପଣ୍ଡା, ପଞ୍ଚାୟତିରାଜ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ମହୋତ୍ସବ କମିଟିର ପ୍ରମୁଖ ସଦସ୍ୟ ବୃନ୍ଦ ମାରଦା ମନ୍ଦିର ନିକଟରେ ପହଞ୍ଚି ମହୋତ୍ସବ ପାଇଁ ସ୍ଥିତି ଅନୁଧ୍ୟାନ କରିଥିଲେ। ତୃତୀୟ ଥର ନିମନ୍ତେ ଏହି ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବ ଅନୁଷ୍ଠିତ ହେବ। ଯାହାକି ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ପୂର୍ବ ଐତିହ୍ୟ ପୋଲସରା ମାଟିର ସୁପ୍ତ ଇତିହାସକୁ ପୁନଃଜାଗ୍ରତ କରିଓ ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବ । ପୂର୍ବ ଶାନ୍ତି ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ମାରଦା ମହୋତ୍ସବର କମିଟି ସଦସ୍ୟ ନିଜେ ନିଜର ଦାୟିତ୍ୱ ନିର୍ବାହ କରିଛନ୍ତି। ୩ ଦିନ ଧରି ହେବାକୁ ଥିବା ମାରଦା ମହୋତ୍ସବକୁ ନେଇ ପଡିଆର ସ୍ଥିତି ନିର୍ଧାରଣ କରିବା ସହ ଗାଡ଼ି ପାର୍କିଂ, ଷ୍ଟଲ, ଅତିଥି ବିଶ୍ରାମ ସ୍ଥଳ, ଗ୍ରୀନ ରୁମ୍, ସମେତ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। କମିଟି ବରିଷ୍ଠ ସଦସ୍ୟ ମଥୁରା ମହନ୍ତ ସୁନ୍ଦର ରାମଦାସ ମହାରାଜ, ଶ୍ୟାମ ସୁନ୍ଦର ସାହୁ, ରମେଶ ପ୍ରଧାନ, ଘୁମୁସର ବିଜେପି ଉପ ସଭାପତି ପ୍ରଭାକର ପଣ୍ଡା, ପବିତ୍ର କୁମାର ନାୟକ, ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ରାଧାଶ୍ୟାମ ପଣ୍ଡା, ନୀଳମାଧବ ସାହୁ, ରଘୁନାଥ ପଣ୍ଡା, ପ୍ରସନ୍ନ ଡାକୁଆ, କମ୍ପା ବଡ଼େଇ, ଭାସ୍କର ନାହକ, ସାମ୍ବାଦିକ ମନୋଜ ଘଡେଇ, ଜ୍ୟୋତିରଞ୍ଜନ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# 'କହିବାକୁ ଲାଜ ଶୁଣିଲେ ପାପ' ମଞ୍ଚସ୍ଥ

**ରମ୍ଭା,୧୩।୧୧(ସମିସ):** ସ୍ଥାନୀୟ ମିଞ୍ଚିଣିପାଟଣା କୋଠିଶାଳ ଯାତ୍ରା ଉପଲକ୍ଷେ ସର୍ବମଙ୍ଗଳା ନାଟ୍ୟ ସଂସଦ ଆନୁକୂଲ୍ୟରେ 'କହିବାକୁ ଲାଜ ଶୁଣିଲେ ପାପ' ନାଟକ ମଞ୍ଚସ୍ଥ ହୋଇଯାଇଛି। ନିର୍ଦ୍ଦେଶକ ଟୁଟୁ ପାଢ଼ୀଙ୍କ ନିର୍ଦ୍ଦେନାରେ ଅନୁଷ୍ଠିତ ନାଟକରେ ଗାଁର ନବାଗତ କଳାକାର ମାନେ ଅଭିନୟ କରିଥିଲେ। ମ୍ୟୁଜିକ ଶ୍ରୀନୁ ଓ ଚିତ୍ରାଳୟ ଅଳକ ଗଞ୍ଜାମ ସାମିଲ ହୋଇଥିଲେ। ବି. କେ ଡ୍ୟାନ୍ସ ଗ୍ରୁପ ଭାଗ ନେଇଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ। ଏଥି ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ଏନ. ନାରାୟଣ ରେଡି ନିଜର ନିଖୁଣ ଚରିତ ଫୁଟାଇ ସର୍ବ ସମ୍ମୁଖରେ ଆଦୃତ ଲାଭ କରିଥିବା ବେଳେ ବିଧାୟକ ଉପରୋକ୍ତ କଳାକାର ଙ୍କୁ "ସର୍ବୋତ୍ତମ ବାପା' ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାନ୍ତ ସ୍ୱାଇଁ, ଅଧ୍ୟକ୍ଷ ପ୍ରତିନିଧି କାହ୍ନା ସ୍ୱାଇଁ, ବିଧାୟକ ପ୍ରତିନିଧି ସିମାଞ୍ଚଳ ବାଡ଼ତ୍ୟା, ରମ୍ଭଗଡ଼ ସରପଞ୍ଚ ବିକ୍ରମ ବେହେରା, ମ୍ୟାନେଜର ଏ ଦୁଃଶାସନ ପାତ୍ର, ଡି ରାମଚନ୍ଦ୍ର ରେଡି, ମାନସ ରଞ୍ଜନ ନାୟକ, ଜେ ଭାସ୍କର ପାତ୍ର, କାଉନସିଲର କ୍ଷେତ୍ରବାସୀ ବେହେରା, ନିରାକାର ବେହେରା, ରଙ୍କନିଧି ନାହାକ, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ଗଣମାଧ୍ୟମ ପ୍ରତିନିଧି, ଏନ ଦୁର୍ଯ୍ୟୋଧନ ରେଡି, ଆର ସୋମନାଥ ରେଡି (ସଭାପତି ), ଗୀତାଞ୍ଜଳି ବେହେରା ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଜେ ଗଜପତି, ଏନ ଚିନା ପାତ୍ର, ବି ଭାସ୍କର ପାତ୍ର, ଏମ ଟିକି, ଏମ ଶ୍ରୀନୁ ଡି ତୋଫାନ, ପି ଶ୍ରୀକାନ୍ତ, ଏମ ଦଣ୍ଡପାଣି, ବି ବନମାଳି, ସି ଘନ ପାତ୍ର, ଏନ ନାରାୟଣରେଡି, ବିଧୁ, ପୂଜା, ତାନୁ, ମାମା, ମହିନା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଉପସ୍ଥାପକ ଏନ ଡମ୍ବୁରୁ ଧର ପାତ୍ର ରହିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ସଞ୍ଚାଳନରେ ଜେ ଲୋକନାଥ, ଆର ଶିବରାମ, ବି ଦଣ୍ଡପାଣି, ସି ରାମେୟା, ଟି ଗଣେଶ ତଥା ଗ୍ରାମବାସୀ ସହଯୋଗ କରିଥିଲେ।



# କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

**ଭଞ୍ଜନଗର,୧୩।୧୧(ସମିସ):** ଉପେନ୍ଦ୍ର ଭଞ୍ଜ ଷ୍ଟାଡିୟମ (ଜେଲ୍ ପଡିଆ)ରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଯାଇଛି। ଉପଜିଲ୍ଲାପାଳ ଅନିଲ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୁପେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡା ବିଧାୟକ ନିଳମଣୀ ବିଷୋୟୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମେଳାରେ ଟ୍ରାକ୍ଟର, ପାୱାରଟିଲର, ଧାନ ଅମଳ, ଧାନ ରୁଆ, ମଞ୍ଜି ସଫା, ରୋଟାଭେଟର, ଘାସ ଛେଦନ, କୋଡାଖୁସା, ଘାସ କଟା, ଗାତ ଖୋଳା, ଧାନ କଳ, ମକା ଛଡା, ଡାଲି କଳ, ତେଲ କଳ, ମୁଢ଼ି ମିଲ୍, ବିହନ ବୁଣା, ସାର ବୁଣା ଓ ଔଷଧ ସିଞ୍ଚନ ଭଳି ବିଭିନ୍ନ କୃଷି ଯନ୍ତ୍ରପାତି ରିହାତି ବିକ୍ରି ସହ ପ୍ରଦର୍ଶନ କରାଯାଉଛି। ଏହି ଅବସରରେ ୬ ଜଣ କୃଷକଙ୍କୁ ରିହାତି ଦରରେ ଟ୍ରାକ୍ଟର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ବିଶ୍ୱରଞ୍ଜନ କର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ବ୍ଲକ ସାଂସଦ ପ୍ରତିନିଧି ରବୀନ୍ଦ୍ର କୁମାର ଗୌଡ଼, ନଗର ସାଂସଦ ପ୍ରତିନିଧି ସନ୍ତୋଷ କୁମାର ତିଆଡି ଉପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲେ। ଦକ୍ଷିଣାଞ୍ଚଳ କୃଷି ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଚୌଧୁରୀ ଦେବବ୍ରତ ଦାସ ଯୋଗ ଦେଇ ବିଭିନ୍ନ କୃଷି ଯନ୍ତ୍ରପାତିର ବ୍ୟବହାର ଓ ଜ୍ଞାନକୌଶଳ ଉପଯୋଗିତା ଉପରେ ଅବଗତ କରାଇଥିଲେ। ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ବ୍ୟୋମକେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଖଣ୍ଡ ଅଧିନ ୮ଟି ବ୍ଲକର ଚାଷୀ ଯୋଗଦେଇଥିଲେ। ସହକାରୀ କୃଷି ଅଧିକାରୀ ଦିବ୍ୟରଞ୍ଜନ ମାଝୀଙ୍କ ସମେତ ସମସ୍ତ କୃଷି ବିଭାଗର କର୍ମଚାରୀ ସହଯୋଗ କରିଥିଲେ।



## ବ୍ଲକସ୍ତରୀୟ ଜାତୀୟ ପ୍ରାଣୀଧନ ମେଳା




**ବାଲିଗୁଡ଼ା,୧୩।୧୧(ସମିସ):** ବାଲିଗୁଡ଼ା ବ୍ଲକ ବୁଡ୍ଡୁକିଆ ପଞ୍ଚାୟତ ମୁସୁକୁଲିରେ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ଜାତୀୟ ପ୍ରାଣୀଧନ ମେଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସଂଜୀବ ପଟେଲ ମୁଖ୍ୟଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅନୁଶୟା ପ୍ରଧାନ ଓ ଫୁଲବାଣୀ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଆଧିକାରୀ ଡ଼ା.ପ୍ରଭାତ ମିଶ୍ର ଯୋଗ ଦେଇଥିଲେ। ସକାଳେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହେବା ପରେ ପ୍ରାଣୀ ପ୍ରଦର୍ଶନୀ ଓ ସଫଳ ପ୍ରାଣୀ ପାଳନ ଚୟନ କରାଯାଇଥିଲା। ଅତିଥିବୃନ୍ଦ ରାଜ୍ୟ ସରକାରଙ୍କ ପଶୁ ପାଳନ ଚାଷ ସମ୍ପର୍କରେ ସଭାରେ ଉପସ୍ଥିତ ଚାଷୀଙ୍କୁ ସଚେତନ କରିବା ସହ ପ୍ରାଣୀ ଚିକିତ୍ସା ଉପରେ ଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧେ ଅବଗତ କରାଇଥିଲେ। ପ୍ରାଣୀ ଓ ପକ୍ଷୀ ଚାଷରେ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ଼ା.ଆୟୁଷ୍ମାନ ସାହୁ ସଭା ପରିଚାଳନା କରିଥିଲେ। ଡ଼ା.ଇପ୍ସିତା ମଲ୍ଲିକ, ଡ଼ା.ଦେବୀପ୍ରସନ୍ନ ସ୍ୱାଇଁ, ଡ଼ା. ପ୍ରିୟଙ୍କା କର, ରାକେଶ ମହାନ୍ତି ଓ ଦାସରଥୀ ମଲ୍ଲିକ ଆୟୋଜନରେ ସହଯୋଗ କରିଥିବା ବେଳେ ବାଲିଗୁଡା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ଲମ୍ବୋଦର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ମୋହନାରେ ବୁଲା କୁକୁର ଆତଙ୍କ**

# ୩ ମାସରେ କୁକୁର କାମୁଡ଼ାରେ ୧୦୦ ଆହତ

**ମୋହନା,୧୩ା୧୧(ସମିସ)**



ଗଜପତି ଜିଲ୍ଲା ମୋହନା ସହର ତଥା ଏହାର ଆଖପାଖ ଅଞ୍ଚଳରେ ବର୍ତ୍ତମାନ ବୁଲା କୁକୁରଙ୍କ ଆତଙ୍କ ପ୍ରକାଶ ପାଇଛି । ମୁଖ୍ୟ ବଜାର ଠାରୁ ଆରମ୍ଭ କରି ପ୍ରତ୍ୟେକ ସାହି ଏବଂ ଗଳିରେ ଘୁରି ବୁଲୁଛନ୍ତି ଦଳ ଦଳ ବୁଲା କୁକୁର । ରାସ୍ତାରେ ଯାଉଥିବା ପଥଚାରି କିମ୍ବା ବାଇକ ଏବଂ ସାଇକଲ ଚାଳକଙ୍କୁ ଅତର୍କିତ ଭାବେ କାମୁଡି ଆହତ କରୁଛନ୍ତି । ବୁଲା କୁକୁରଙ୍କ ଯୋଗୁଁ ରାସ୍ତାରେ ଚାଲି ଯିବା ଅଞ୍ଚଳବାସୀଙ୍କ ପାଇଁ ମୁସ୍କିଲ ହୋଇପଡିଛି । ଏଭଳି କି ରାଜରାସ୍ତାରେ କୁକୁର ମେଳି ଏବଂ କଳି ଯୋଗୁଁ ବଳି ପଡୁଛନ୍ତି ବାଇକ ଏବଂ ସାଇକଲ ଚାଳକ । ଦ୍ରୁତ ଗତି ରେ ଆସୁଥିବା ବାଇକ ତଳେ କୁକୁର ପଶିଯିବା ଫଳରେ ଅନାୟସରେ ଦୁର୍ଘଟଣାର ଶିକାର ହେଉଛନ୍ତି ଗାଡି ଚାଳକ । ଅନ୍ୟପଟେ ଟ୍ରକ, ବସ୍ ଚକ ତଳେ ପଡି ପ୍ରତ୍ୟେକ ଦିନ କୁକୁରଙ୍କ ମୃତ୍ୟୁ ମଧ୍ୟ ହେଉଛି । ବୁଲା କୁକୁରଙ୍କ ମୃତଦେହ ରାସ୍ତାରେ ପଡି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ଗତ ୩ ମାସ ମଧ୍ୟରେ କୁକୁର କାମୁଡାରେ ମୋହନା ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ବର୍ତ୍ତମାନ ପ୍ରଜନନ ସମୟ ହୋଇଥିବା ବେଳେ ଆଗକୁ ଏହି ବୁଲା କୁକୁରଙ୍କ ସଂଖ୍ୟା ସହରରେ ଅଧିକ ବଢ଼ିବା ସମ୍ଭାବନା ରହିଛି । ପ୍ରଶାସନ ତଥା ପଶୁ ସମ୍ପଦ ବିଭାଗ ଏହାର ନିରାକାରଣର ପନ୍ଥା ଖୋଜିବା ନିହାତି ଆବଶ୍ୟକ ହୋଇପଡିଛି । ସହରରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ପ୍ରଶାସନ ଉଦ୍ୟମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତ ।

## ରାସ୍ତାରେ ଓଲଟିଲା ହାଇୱା, ଚାଳକ ବର୍ତ୍ତିଲେ



**ଟିକାବାଲି,୧୩ା୧୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ବ୍ରହ୍ମପୁର ଫୁଲବାଣୀ ମୁଖ୍ୟ ରାସ୍ତା ତଲାରିମାହାରୁ କିଛି ଦୂରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବାଲି ବୋଝେଇ ହାଇୱା ଟ୍ରକ ରାସ୍ତା ମଝିରେ ଓଲଟି ପଡିଥିଲା । ହାଇୱା ଭଞ୍ଜନଗର ପଟରୁ ଫୁଲବାଣୀ ଆଡକୁ ଯାଉଥିବା ବେଳେ ତଲାରିମାହା ନିକଟରେ ରାସ୍ତା ମଝିରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଓଲଟି ପଡିଥିଲା । ଟିକାବାଲି ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କର ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା । ରାସ୍ତା ମଝିରେ ହାଇୱା ଓଲଟି ପଡିଥିବାରୁ କିଛି ସମୟ ଅବରୋଧ ହୋଇଥିଲା ।

**● ଆଇନଜୀବୀଙ୍କୁ ଏସିଡ୍ ମାଡ଼ ଘଟଣା**

## ଦ୍ୱିତୀୟ ଦିନରେ ଓକିଲ ସଂଘ ଆନ୍ଦୋଳନ



**ପାରଳାଖେମୁଣ୍ଡି,୧୩।୧୧(ସମିସ):** ଜଣାଶୁଣା ଆଇନଜୀବୀ ପି.ରାମାରାଓଙ୍କୁ ଏସିଡ୍ ମାଡ ଘଟଣାର ପ୍ରତିବାଦ କରି ପାରଳାଖେମୁଣ୍ଡି ବାର୍ ଆସୋସିଏସନ୍‌ର ଧାରଣା ପ୍ରତିବାଦ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଆଜି ମଧ୍ୟ ଓକିଲଙ୍କ ଧାରଣା ଜାରି ରହିଥିବାରୁ କୋର୍ଟ କାମରେ ବାଧା ଉପୁଜିଛି । ଘଟଣାର ପାଞ୍ଚ ଦିନ ବିତିଯାଇଥିଲେ ସୁଦ୍ଧା ଚିକିତ୍ସିତ ଆଇନଜୀବୀଙ୍କୁ ନ୍ୟାୟ ପ୍ରଦାନ ହୋଇ ପାରିନାହିଁ । ଘଟଣାରେ ଆଜି ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଟେର୍ ପାଇପାରୁନି ପୁଲିସ । ଆଇନଜୀବୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛ । ରାଜ୍ୟ ଓକିଲ ସଂଘର ନେତୃବୃନ୍ଦଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି । ବୁଧବୋ ଦ୍ୱିତୀୟ ଦିବସରେ ହେଉଥିବା ଏହି ଆନ୍ଦୋଳନରେ ଓକିଲ ଏକତ୍ର ହୋଇ ଜିଲ୍ଲା କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ । ଆଜି ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜତିନ୍ଦ୍ର କୁମାର ପଣ୍ଡା ପହଞ୍ଚି ଆନ୍ଦୋଳନ ରତ ଆଇନଜୀବୀଙ୍କ ସହ ଆଲୋଚନା କରିଥିଲେ । ଆନ୍ଦୋଳନରତ ଆଇନଜୀବୀ ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ।

## କେ.ଝାଲରସିଂରେ ଅଖଣ୍ଡ ମହାମନ୍ତ୍ର ନାମଯଜ୍ଞ



**ନୂଆଗଡ଼,୧୩ା୧୧(ସମିସ):** ଗଜପତି ଜିଲ୍ଲା କେ.ଝାଲରସିଂ ଗ୍ରାମର ଓଡ଼ିଆ ସାହିରେ କାର୍ତ୍ତିକ ଶୁକ୍ଳ ଦଶମୀ ଉପଲକ୍ଷେ ଅଖଣ୍ଡ ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଗ୍ରାମର ମଝିରେ ଥିବା ତୁଳସୀ ଚଉରା କୀର୍ତ୍ତନ ମଣ୍ଡପରେ ସକାଳ ୬ଟାରୁ ନାମଯଜ୍ଞ ଆରମ୍ଭ କରି ୨୪ ଘଣ୍ଟା ଧରି ଚାରିପାର୍ଶ୍ୱ ପରିଭ୍ରମଣ କରି କୀର୍ତ୍ତନ କରିଥିଲେ ଭକ୍ତ । ଆଖ ପାଖ ଗ୍ରାମରୁ ଶତାଧିକ ଭକ୍ତ ଏଠାକୁ ଆସି ଭକ୍ତିର ସହ ନାମ ସଂକୀର୍ତ୍ତନ କରି ମହାମନ୍ତ୍ର ନାମଯଜ୍ଞରେ ସାମିଲ ହୋଇଥିଲେ । ନାମଯଜ୍ଞ ୫୦ ବର୍ଷ ପରେ ଗ୍ରାମରେ ଅନୁଷ୍ଠିତ ହୋଇଥିବାରୁ ଲୋକଙ୍କ ମନରେ ଉତ୍ସାହ ଏବଂ ଭକ୍ତିଭାବ ସୃଷ୍ଟି ହୋଇଥିବା କହିଛନ୍ତି । ଗ୍ରାମର ବହୁ ବରିଷ୍ଠ ବ୍ୟକ୍ତି ସୌରା ଗୁରୁ, ଅଗାଧୁ ଗୌଡ଼, ଲକ୍ଷ୍ମୀକାନ୍ତ ବେହେରଦଳାଇ, ପର୍ଶୁରାମ ପାଢ଼ୀ, ଜଗନ୍ନାଥ ସାହୁ, ମାନସ ପାତ୍ର, ଗୋପାଳ ଗୌଡ଼, ଦୁଲବ ବେହେରା, ସନ୍ତୋଷ ଦଳାଇ, ବାସୁ ପାଇକ, କୁରାମଣୀ ବେହେରଦଳାଇ, ଜିତୁ ଗୌଡ଼, ରଞ୍ଜିତ ପାଢ଼ୀ ଓ ପଞ୍ଚାନନ ବେହେରଦଳାଇ ସମେତ ଗ୍ରାମର ଯୁବକ ସଂଘ ସହଯୋଗ କରି ଶୃଙ୍ଖଳା ସହ ସମାପନ କରିଥିଲେ ।

## କାର୍ତ୍ତିକ ବଡ଼ ଏକାଦଶୀ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼



**ପାରଳାଖେମୁଣ୍ଡି,୧୩।୧୧(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ମାସ ବଡ ଏକାଦଶୀ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଓଡ଼ିଆ ମାସ ମଧ୍ୟରେ ୪ ବଡଏକାଦଶୀ ପଡୁଥିବାବେଳେ କାର୍ତ୍ତିକ ମାସର ବଡ଼ ଏକାଦଶୀ ଭାବେ ପାଳନ କରାଯାଏ । ମଙ୍ଗଳବାର ସକାଳୁ ଏକାଦଶୀ ବ୍ରତଧାରୀମାନେ ଜଗନ୍ନାଥ ମନ୍ଦିରରେ ଭିଡ ଜମାଇବା ସହ ସେଠାରେ ଧୂପ, ଦୀପ, ନଡିଆ, କଦଳୀ ଇତ୍ୟାଦି ଧରି ପୂଜାର୍ଚ୍ଚନା ପାଇଁ ଲମ୍ବାଧାଡିରେ ଠିଆ ହୋଇଥିଲେ । ଠାକୁରଙ୍କ ଦର୍ଶନ ପରେ ଦିନ ତମାମ ଫଳ ମୂଳ ଆହାର ଗ୍ରହଣ କରିଥାନ୍ତି । ସନ୍ଧ୍ୟାରେ ମଧ୍ୟ ସନ୍ଧ୍ୟା ଆଳତୀ ପାଇଁ ଭିଡ ଜମାଇଥିଲେ ।

## କୃଷକ ମୋର୍ଚ୍ଚା ପକ୍ଷରୁ ଧାନ ସଂଗ୍ରହ ଅଭିଯାନ ପ୍ରସ୍ତୁତି



**ରାଇକିଆ,୧୩ା୧୧(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ଆରଏମସି ପରିସରରେ ମଙ୍ଗଳବାର ବିଜେପି କୃଷକ ମୋର୍ଚ୍ଚା ତରଫରୁ ଧାନ ସଂଗ୍ରହକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର୍ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ପୁଲିନ ପ୍ରକାଶ ପୁହା, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚରଣ ପଣ୍ଡା, ସାଧାରଣ ସମ୍ପାଦକ ମାନ ଗୋବିନ୍ଦ ପ୍ରଧାନ ଯୋଗ ଦେଇ ଧାନ ସଂଗ୍ରହକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ । ବିଶେଷ କରି ସର୍ବ ନିମ୍ନ ସହାୟକ ମୂଲ୍ୟରେ ୮୦୦ ଟଙ୍କାର ସବସିଡି ସମେତ ସମୁଦାୟ ୩୧୦୦ ଟଙ୍କା, ପ୍ରତ୍ୟେକ ସବଡିଭିଜନ ରେ ଅତ୍ୟାଧୁନିକ କୋଲ୍ଡ ଷ୍ଟୋରେଜ ବ୍ୟବସ୍ଥା, କୃଷକ ପରିବାରର ପିଲାଙ୍କୁ ଶିକ୍ଷା ପାଇଁ ଆର୍ଥିକ ସହାୟତା, ବିଦ୍ୟାଳକ୍ଷ୍ମୀ ଯୋଜନାରେ ଉଚ୍ଚ ଶିକ୍ଷା ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ସହାୟତା ରାଶି ସମ୍ପର୍କରେ ସଦସ୍ୟଙ୍କୁ ଅବଗତ କରାଇଥିଲେ । କୃଷକ ଯେପରି ଏହାର ସୁବିଧା ପାଇପାରିବେ ସେ ନେଇ ବ୍ୟାପକ ସଚେତନତା ପାଇଁ ଦଳୀୟ କର୍ମକର୍ତ୍ତାଙ୍କୁ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ । ଜି.ଉଦୟଗିରି ନିର୍ବାଚନମଣ୍ଡଳୀର କୃଷକ ମୋର୍ଚ୍ଚାର ସଦସ୍ୟ ଉପସ୍ଥିତ ଥିଲେ ।

## ଦ୍ୱାଦଶୀ ତିଥିରେ ପ୍ରଭୁଙ୍କ ନୃସିଂହ ବରାହ ବେଶ



**ପାରଳାଖେମୁଣ୍ଡି,୧୩।୧୧(ସମିସ):** କାର୍ତ୍ତିକ ମାସର ପଞ୍ଚୁକ ଠାରୁ ଗଜପତି ଜିଲ୍ଲାର ପୁରପଲ୍ଲୀରେ ଅଧାମ୍ରିକ ପରିବେଶ ସୃଷ୍ଟି ହୋଇଛି । ଏକାଦଶୀ ଠାରୁ ଅଷ୍ଟପ୍ରହରୀ, ହରିନାମ ସଂକୀର୍ତ୍ତନ, ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା ହେଉଛି । ଏଥି ଯୋଗୁଁ ହରିନାମ ସଂକୀର୍ତ୍ତନର ଧ୍ୱନୀରେ ପ୍ରକମ୍ପିତ ହେଉଛି ଅଞ୍ଚଳ । ଦାନ ଧର୍ମ ମାସ ପବିତ୍ର କାର୍ତ୍ତିକ ପାଳନ ଲାଗି ପାରଳାଖେମୁଣ୍ଡିର ବିଭିନ୍ନ ମଠ ମନ୍ଦିରରେ ଭିଡ ଜମାଉଛନ୍ତି ଭକ୍ତ ତଥା ଶ୍ରଦ୍ଧାଳୁ । ବିଶେଷ କରି ପଞ୍ଚୁକ ଠାରୁ ଭିଡ ଦୁଇଗୁଣ ହୋଇଛି । ପାରଳାଖେମୁଣ୍ଡି ସହରର ଜଗନ୍ନାଥ ମନ୍ଦିରରେ ପବିତ୍ର ବଡ ଦ୍ୱାଦଶୀ ଅବସରରେ ପ୍ରଭୁ ବଳଭଦ୍ରଙ୍କ ନୃସିଂହ ଓ ଶ୍ରୀ ଜଗନ୍ନାଥଙ୍କ ବରାହ ଅବତାର ଦେଖିବା ପାଇଁ ଭକ୍ତଙ୍କ ଭିଡ ଜମିଥିଲା । ଠାକୁରଙ୍କୁ ବିଭିନ୍ନ ମୂଲ୍ୟବାନ ଅଳଙ୍କାର ଓ ବସ୍ତ୍ର ପାଟ ଆଦିରେ ବିଭୂଷିତ କରାଯାଇଥିଲା ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା



**ଟିକାବାଲି,୧୩ା୧୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ସଲପଗାଁସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀଙ୍କ ଅଧକ୍ଷତା ରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ଟିକାବାଲି ବ୍ଲକର ସମସ୍ତ ପଞ୍ଚାୟତର ବିଦ୍ୟାଳୟର ବିଜ୍ଞାନ ଓ ଗଣିତ ବିଷୟ ସହ ଜଡ଼ିତ ୮୪ ପ୍ରକଳ୍ପ ନେଇ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଟିକାବାଲି ବ୍ଲକ ଅଧକ୍ଷ ଦିଲୀପ କହଁର, ସମ୍ମାନିତ ଅତିଥି କଟିମାହ ସରପଞ୍ଚ କର୍ଣ୍ଣେଲ କହଁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ନାୟକ, ବିନୋଦିନୀ ସାମଲ, ଶିକ୍ଷକ ସଂଘ ସଭାପତି ମଧୁସୂଦନ ବେହେରା, ପ୍ରକଳ୍ପ ନିରୀକ୍ଷକ ରୂପେ ଅମିତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ଏହାସହ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ମିଶ୍ର, ମୁରଲୀଧର ପଲେଇ, ପବିତ୍ର ସାହୁ, ଅରବିନ୍ଦ ମହାପାତ୍ର, ବିଷ୍ଣୁପ୍ରସାଦ ହୋତା, ରବିନାରାୟଣ ସାହୁ, ଜୟପ୍ରକାଶ ପାତ୍ର ଏବଂ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ । ମେଳାରେ ବିଭିନ୍ନ ବିଭାଗରୁ ୭ଟି ସର୍ବୋତ୍ତମ ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରକଳ୍ପ ରେ ଅଂଶଗ୍ରହଣ ପାଇଁ ମନୋନିତ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ତାଲିମ୍ ଓ ଶିକ୍ଷା ଶିବିର ଉଦ୍‌ଯାପିତ

**ରାୟଗଡ,୧୩ା୧୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପର୍ଶୁରାମ ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତିନି ଦିନିଆ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ତାଲିମ୍ ଓ ଶିକ୍ଷା ଶିବିର ଉଦଯାପିତ ହୋଇଛି । ଅନୁଷ୍ଠାନର ଅଧକ୍ଷ ଶଶିକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧକ୍ଷ ଡ.ଜିତେନ୍ଦ୍ର ନାଥ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ କମଳା କାନ୍ତ ପଣ୍ଡା ଯୋଗ ଦେଇଥିଲେ । ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଜତୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ସାଇବର କ୍ରାଇମ, ପ୍ରାଥମିକ ଚିକିତ୍ସା, ପ୍ରାକୃତିକ ଦୁର୍ବିପାକ ପରିଚାଳନା ଏବଂ ଅଗ୍ନିସେବା ସମ୍ପର୍କରେ ଆଲୋଚନା କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ବିଭୂତ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ୍ ଶୁଭ୍ରଜିତ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ସ୍ୱେଚ୍ଛାସେବୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କୃତି ସ୍ୱେଚ୍ଛାସେବୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଯୁବ ରେଡକ୍ରସ୍ ଜିଲ୍ଲା ସଂଯୋଜକ ଡ.ପ୍ରଦୀପ୍ତ କୁମାର ଷଡଙ୍ଗୀ, ସମ୍ପାଦକ ଡ. ସୁକାନ୍ତ ବେହେରା ଓ ମୋହନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

## ପୁଲିସ ଓ ଅବକାରୀ ବିଭାଗର ଚଢ଼ଉ; ୬ ଗିରଫ

**ଦାରିଙ୍ଗବାଡ଼ି,୧୩ା୧୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବୁଧବାର ଅବକାରୀ ବିଭାଗ ଓ ଦାରିଙ୍ଗବାଡି ପୁଲିସ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇଥିଲା । ଚଢ଼ଉରେ ବେଆଇନ ଦେଶୀ ମଦ କାରବାର ଘଟଣାରେ ୬ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୭୨ ଲିଟର ଦେଶୀ ମଦ ଜବତ କରାଯାଇ ଥିବା ଜଣାପଡ଼ିଛି । ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଡ଼ବେରି ଗ୍ରାମର ବିଶ୍ରବ ନାୟକ ଓ ରଞ୍ଜନ ନାୟକ, ସିମନବାଡ଼ିର ବାବୁଲି ସାହୁ, କେ.ପ୍ରଶାନ୍ତ ନାୟକ, ବସନ୍ତ ସାହୁ ଏବଂ ଦିଲୀପ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଦାରିଙ୍ଗବାଡି ଅବକାରୀ ଥାନାର ଭାରାପ୍ରାପ୍ତ ଅଧିକାରୀ ପ୍ରକାଶ ମଲ୍ଲିକ ଓ ପୁଲିସ ଏଏସଆଇ ଅର୍ଜୁନ ଶବରଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା ।

## ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ ଓ ତହସିଲ ଅଫିସରେ ନାହିଁ ଶୌଚାଳୟ

**ଗୁମ୍ମା,୧୩।୧୧(ସମିସ):** ସରକାର ପରିବେଶ ପରିଚ୍ଛନ୍ନତା ପାଇଁ ସଚେତନତା କରିବା ସହ ସର୍ବସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରୟାସ ଜାରି ରଖିଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବାସ୍ତବରେ ସରକାରୀ ଅନୁଦାନର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁ ନଥିବା ଅଭିଯୋଗ ହେଉଛି । ଯାହାର ନିଚ୍ଛକ ଉଦାହରଣ ହେଉଛି ଗଜପତି ଜିଲ୍ଲା ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ ଓ ତହସିଲ କାର୍ଯ୍ୟାଳୟ । ଗୁମ୍ମା ବ୍ଲକର ଶହ ଶହ ଲୋକ ପ୍ରତି ଦିନ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ଆସୁଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ରାମଗାର ଓ ଶୌଚାଳୟ ନ ଥିବାରୁ ରୋଗୀ ଓ ସମ୍ପର୍କିୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ସର୍ବ ସାଧାରଣଙ୍କ ପାଇଁ ଶୌଚଳାୟ ନ ଥିବାରୁ ଲୋକେ ପାଚେରୀ, ରାସ୍ତକଡ଼ ଓ ଖାଲି ପଡ଼ିଆରେ ପରିସ୍ରା କରୁଥିବା ଦେଖିବାକୁ ମିଳିଛି । ଏପରି କି ଯେଉଁ ସ୍ଥାନରେ ପଞ୍ଚାୟତ ତରଫରୁ ସାଧାରଣ ଲୋକଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରାଯାଇଛି ତାହା କାର୍ଯ୍ୟକ୍ଷମ ହେଉ ନ ଥିବା ଅଭିଯୋଗ ହେଉଛି । ଗୁମ୍ମା ସଦର ମହକୁମା ସ୍ଥିତ ସରକାରୀ କାର୍ଯ୍ୟାଳୟରେ ଯଦି ଏପରି ଅବ୍ୟବସ୍ଥା ତାହାହେଲେ ପାହାଡ଼ିଆ ପଞ୍ଚାୟତ ସ୍ତରରେ ବିକାଶ କେତେ ହୋଇଥିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ଜିଲ୍ଲା ପ୍ରଶାସନ କିମ୍ବା ନୂତନ ସରକାର କେଉଁ କାରଣ ଯୋଗୁ ସରକାରୀ ଟଙ୍କାର ଅପବ୍ୟବହାର କରାଯାଇଛି ତାହାର ତଦନ୍ତ କରିବାକୁ ଦାବି ହେଉଛି । ଏସମ୍ପର୍କରେ ବିଡ଼ିଓ ଆକାଶ କୁମାର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

## ଫିରିଙ୍ଗିଆରେ ବ୍ଲକସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ



**ଫିରିଙ୍ଗିଆ,୧୩ା୧୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାଜୀ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଦର୍ଶନୀର ଉଦଘାଟନୀ ଉତ୍ସବରେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ମୁଖ୍ୟଅତିଥି ଓ ଫିରିଙ୍ଗିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସିଂ, ଉନ୍ନୀତ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମ ସମ୍ମାନିତଅତିଥି ଓ ଉଦଯାପନୀ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ ଓ ଫିରିଙ୍ଗିଆ ସମିତିସଭ୍ୟା ମୌସୁମୀ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଦିନତମାମ ଚାଲିଥିବା କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବିନୋଦ ବିହାରୀ ସାହୁ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ସାହୁ ଓ ସନ୍ତୋଷ କୁମାର ରଥ ବିଚାରକ ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ ମୁଖ୍ୟାଳୟ ସାଧନ କର୍ମୀ ରାଜେଶ କୁମାର ନାଏକ, ଅମୀୟ ଭୂଷଣ ମଲ୍ଲିକ, ଦିଲୀପ କୁମାର ବେହେରା, ସୁକାନ୍ତ କୁମାର ଦିଗାଲ, କବିରାଜ ବିଶ୍ୱାଳ, ଦିଲୀପ କୁମାର ପାଣିଗ୍ରାହୀ, ଧ୍ରୁବଚନ୍ଦ୍ର ବେହେରା, ମଦନମୋହନ ସେଠୀ, ଗୌରଭ କହଁର, ଅଜିତ କୁମାର ବେହେରା, ରାଜୀବ ଦେହୁରୀ, ମନୋଜ ନାଏକ, ମନୋଜ କହଁର, ସୁଶାନ୍ତ କୁମାର କହଁର, ଅଂଶୀମ ନାଏକଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଏଥିରେ ୭୭ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ୭ ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ପାଇଁ ମନୋନୀତ କରାଯାଇଥିଲା ।

## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



**ପାରଳାଖେମଣ୍ଡି,୧୩।୧୧(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ବାଡେଗୁଡ଼ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣତ ଅନୁଷ୍ଠିତ ହୋଇଥିଲା । ଶୁଣାଣିରେ ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଜତିନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ । ବାଡେଗୁଡ଼ ପଞ୍ଚାୟତ ସମେତ ଚାନ୍ଦିପୁଟ, ଲୁହାଗୁଡି ଓ ଶିକୁଳିପଦର ପଞ୍ଚାୟତର ମୋଟ ୧୦୨ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୪୦ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ଓ ୬୨ ଗ୍ରାମଭିତ୍ତିକ ସମସ୍ୟା ରହିଥିଲା । ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ମୋହନା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜୀବ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସ, ସ୍ଥାନୀୟ ତହସିଲଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ, ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

**ଦେଢ଼ମାସ ହେଲା ଟ୍ରାନ୍ସଫର୍ମର ଅଚଳ**

# ଅନ୍ଧାରରେ ୨ ଗ୍ରାମର ୩୦ ପରିବାର

**ବିଦ୍ୟୁତ୍ ନ ଥାଇ ଆସୁଛି ବିଲ୍**

**ଫିରିଙ୍ଗିଆ,୧୩ା୧୧(ସମିସ)**



ବିଦ୍ୟୁତ ବିଭାଗର ଅବହେଳା ପାଇଁ ଦେଢ଼ମାସ ହେଲା ଅନ୍ଧାରରେ ରହିଛନ୍ତି ଦୁଇ ଗାଁର ୩୦ ପରିବାର । ବିଦ୍ୟୁତ ନ ଥାଇ ମଧ୍ୟ ଆସୁଛି ବିଦ୍ୟୁତ ବିଲ । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନିପଦର ପଞ୍ଚାୟତ ଅନ୍ତର୍ଗତ ବାଲିପଦର ଓ କାଳିମୁଣ୍ଡା ଗ୍ରାମବାସୀ ଭୋଗୁଛନ୍ତି ଏହି ସମସ୍ୟା । ଦେଢ଼ ମାସ ଧରି ବିଦ୍ୟୁତ ସେବା ବନ୍ଦ ଥିବା ଯୋଗୁଁ ଗ୍ରାମବାସୀ ରାତିରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବାଲିପଦର ଓ କାଳିମୁଣ୍ଡାରେ ଥିବା ୧୦ କେଭି ବିଦ୍ୟୁତ୍ ଟ୍ରାନ୍ସଫରମର ଅକ୍ଟୋବର ୮ ତାରିଖ ଠାରୁ କୌଣସି କାରଣରୁ ପୋଡ଼ି ଯିବାରୁ ବିଦ୍ୟୁତ ଯୋଗାଣ ବନ୍ଦ ରହିଛି । ଦୁଇ ଗ୍ରାମର ୩୦ ପରିବାର ଉକ୍ତ ବିଦ୍ୟୁତ ଟ୍ରାନ୍ସଫରମର ଉପରେ ନିର୍ଭର କରିଥାନ୍ତି । ବିଦ୍ୟୁତ ଯୋଗାଣ ବନ୍ଦ ରହିଥିବା ଯୋଗୁଁ ରାତିରେ ଗାଁ ଘନ ଅନ୍ଧାରକାରେ ବୁଡି ରହୁଛି । ଗ୍ରାମବାସୀ ଭୟଭିତ ହୋଇ ରହୁଛନ୍ତି । ପିଲାଙ୍କ ପାଠ ପଢ଼ା ପ୍ରଭାବିତ ହୋଇଛି । ଏ ସଂକ୍ରାନ୍ତରେ ବିଦ୍ୟୁତ ବିଭାଗକୁ ଏବଂ ଫିରିଙ୍ଗିଆ ସବଡିଭିଜନର କନିଷ୍ଠ ଯନ୍ତ୍ରୀଙ୍କ ପାଖରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନି । ଦାୟିତ୍ୱରେ ଥିବା ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ସାହୁଙ୍କୁ ଏସମ୍ପର୍କରେ ପଚାରିବାରୁ ସେହି ଗାଁରେ ଗତ ବର୍ଷ ବିଦ୍ୟୁତ ଟ୍ରାନ୍ସଫରମର ପୋଡିଯିବାରୁ ନୂତନ ଟ୍ରାନ୍ସଫର୍ମର ଲଗାଯାଇଥିଲା । କିଛି ଲୋକ ଠିକ ଭାବରେ ବିଦ୍ୟୁତ ବ୍ୟବହାର କରୁ ନ ଥିବାରୁ ଟ୍ରାନ୍ସଫରମର ପୋଡି ଯାଇଥିବା କହିଛନ୍ତି । କିଛି ଲୋକଙ୍କ ବିଦ୍ୟୁତ ବିଲ ବକେୟା ଥିବାରୁ ନୂତନ ଟ୍ରାନ୍ସଫରମର ଲାଗିପାରୁ ନଥିବା ପ୍ରକାଶ କରିଛନ୍ତି । ବିଦ୍ୟୁତ ବିଲ ପୈଠ କଲେ ଟ୍ରାନ୍ସଫରମର ଲାଗିବ ବୋଲି କହିଛନ୍ତି । ହେଲେ ଯେଉଁ ଲୋକଙ୍କ ବିଲ ବକେୟା ରହିଛି ସେମାନଙ୍କ ବିଦ୍ୟୁତ ବିଚ୍ଛିନ୍ନ କରା ନ ଯାଇ ସମସ୍ତଙ୍କୁ କାହିକି ଅସୁବିଧାର ସମ୍ମୁଖୀନ ହେବାକୁ ବାଧ କରାଯାଉଛି ବୋଲି ପ୍ରଶ୍ନ ହୋଇଛି । କିଛିଦିନ ମଧ୍ୟରେ ବିଦ୍ୟୁତ ନୂତନ ଟ୍ରାନ୍ସଫରମର ଲଗା ନ ଗଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି ।

## ମାଣ୍ଡିପଙ୍କାରେ ସୋଲାର ୱାଟର ପମ୍ପ ସ୍ଥାପନ

**ଦାରିଙ୍ଗବାଡି,୧୩ା୧୧(ସମିସ):** କନ୍ଧମାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦାରିଙ୍ଗବାଡି ବ୍ଲକ ମାଣ୍ଡିପଙ୍କା ଗ୍ରାମରେ ସାଢ଼େ ଚାରି ଲକ୍ଷ ଟଙ୍କା ବିନିମୟରେ ସୋଲାର ୱାଟର ପମ୍ପ ନିର୍ମାଣ କରାଯାଇଛି । ପାନୀୟ ଜଳର ଘୋର ଅସୁବିଧା ଥିବା ହେତୁ ଲୋକେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ସୋଲାର ୱାଟର ପମ୍ପ ନିର୍ମାଣ ପାଇଁ ଅନୁରୋଧ କରିଥିଲେ । ୱାଟର ପମ୍ପା ନିର୍ମାଣ କାମ ବୁଧବାର ସମାପ୍ତ ହୋଇଛି । ପାନୀୟ ଜଳ ବ୍ୟବସ୍ଥା ହୋଇଥିବାରୁ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି ।



